ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.233 Bhubaneswar Friday November 04 2022 | ୨୫ତମ ବର୍ଷ ସଂଖ୍ୟା–୨୩୩ ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୦୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## କାର୍ ଉପରେ ଚଢ଼ିଗଲା ହାଇୱା, ଘଟଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷଙ୍କ ସମେତ ୪ ମୃତ



କେନ୍ଦୁଝର,୩।୧୧(ପି.ଏନ): କାର୍ ଉପରେ ମାଡ଼ିଗଲା ହାଇୱା। ଘଟଣା ସ୍ଥଳରେ ଘଟଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ, ତାଙ୍କ ଭାଇ ଓ ଅନ୍ୟ ପରିବାରର ୨ ଭାଇଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି କାର୍ ଚାଳକ। ଆଜି ସନ୍ଧ୍ୟା ବେଳେ ଏପରି ମର୍ମନ୍ତୁଦ ସଡକ ଦୁର୍ଘଟଣା କେନ୍ଦୁଝର ଜିଲ୍ଲାରେ ଘଟିଛି।ଘଟଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ ନାଏକ, ତାଙ୍କ ଭାଇ ଚିତ୍ତରଞ୍ଜନ ନାଏକ ଓ ଅନ୍ୟ ପରିବାରର ୨ ଭାଇ ନରୋତ୍ତମ ସିଂ ଓ ହୃଷିକେଶ ସିଂ କାର୍‌ରେ କେନ୍ଦୁଝରରେ ଚାଲିଥିବା ମୀନାବଜାର ଦେଖିବାକୁ ଯାଉଥିଲେ। ତେବେ ୨୦ ନମ୍ବର ଜାତୀୟ ରାଜପଥର ବଡ଼ପୋଷି ଛକ ନିକଟରେ ସମ୍ମୁଖରୁ ଆସୁଥିବା ହାଇୱା ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। କାର୍ ଚାଳକ ଓ ଅନ୍ୟ ଜଣଙ୍କୁ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଚାଳକ ତପନ ନାଏକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ରହିଥିବା ଜଣାପଡିଛି।

## ଶ୍ରୀମନ୍ଦିର ଭିତରକାଠ ନିକଟରେ ରକ୍ତଛିଟା : ଦେଢଘଂଟା ନୀତି ବିଳମ୍ବ

ପୁରୀ, ୩।୧୧(ପି.ଏନ): ଆଜି ସକାଳୁ ଶ୍ରୀମନ୍ଦିର ଭିତର କାଠ ନିକଟରେ ରକ୍ତଛିଟା ଦେଖିବାକୁ ମିଳିଥିଲା। ଏହାଦେଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପାଣିପଡ଼ି ଧୁଆ ଯାଇଥିଲା। ଚୂନ ଛିଟା ପକାଯାଇ ଶୁଦ୍ଧ କରାଯିବା ପରେ ଦର୍ଶନ ଆରମ୍ଭ ହୋଇଛି। ଆଜି କାର୍ତ୍ତିକମାସ ଦଶମୀ ଗୁରୁବାର ସୁଦଶା ବ୍ରତ ଯୋଗୁ ଶ୍ରୀମନ୍ଦିରରେ ପ୍ରବଳ ଗହଳି ଲାଗିରହିଛି। ଶ୍ରୀଜୀଉଙ୍କ ବଡ଼ମହାସ୍ନାନ ପାଇଁ ନୀତି ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଥିଲା। ସକାଳ ସାଢେ ୬ ଟା ରେ ଏହି ଘଟଣା ଘଟିଥିଲା। ରକ୍ତଛିଟା କେମିତି ପଡିଲା ସେ ସମ୍ପର୍କରେ କିଛି ତଥ୍ୟ ମିଳିପାରିନାହିଁ।

## ୨୪ରୁ ବିଧାନସଭା ଅଧିବେଶନ

ଭୁବନେଶ୍ୱର, ୩।୧୧(ପି.ଏନ): ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ଶୀତକାଳୀନ ଅଧିବେଶନ। ଚଳିତ ଅଧିବେଶନରେ ମୋଟ ୩୩ଟି କାର୍ଯ୍ୟ ଦିବସ ରହିଛି। ଅଧିବେଶନର ପ୍ରଥମ ଦିନରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ ହେବ। ବ୍ୟୟମଞ୍ଜୁରୀ ବିଲ୍ ଡିସେମ୍ବର ୨ତାରିଖରେ ଉପସ୍ଥାପିତ ହେବ। ଡିସେମ୍ବର ୩୧ ତାରିଖରେ ଅଧିବେଶନ ଶେଷ ହେବ।ଏଥିପାଇଁ ଗୁରୁବାର ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।ବିଧାନସଭା ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବିଧାନସଭାର ଏହି ୩୩ଦିନିଆ କାର୍ଯ୍ୟଦିବସରେ ନଭେମ୍ବର ୨୫, ଡିସେମ୍ବର ୯, ୧୬, ୨୩ ,୨୮ ଓ ୩୦ତାରିଖକୁ ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍ ଭାବେ ନିର୍ଦ୍ଧାରଣ କରାଯାଇଛି।

## ଧାମନଗର ଉପନିର୍ବାଚନ ହାରିବା ଭୟରେ ମିଥ୍ୟା ଅଡିଓ ଓ ଭିଡିଓ ପ୍ରସାର କରୁଛି ବିଜେଡି:ବିଜେପି

ଭୁବନେଶ୍ୱର, ୩।୧୧(ପି.ଏନ): ଧାମନଗର ଉପନିର୍ବାଚନ ଜିତିବା ଲାଗି ବିଜୁ ଜନତା ଦଳ ଏବେ ସୋସିଆଲ ମିଡିଆ ମାଧ୍ୟମରେ ଭୋଟରଙ୍କୁ ଭ୍ରମିତ କରୁଛି। ପୂର୍ବରୁ ବିଜୁ ଜନତା ଦଳ ପ୍ରଶାସନିକ ଅଧିକାରୀ, ଏସ୍‌ଏଚଜି, ଏମ୍‌ବିକେ, ସିଆରପି ମାଧ୍ୟମରେ ଟଙ୍କା ବଂଟନ କରି ଭୋଟରଙ୍କୁ ବିଚଳିତ କରିବାର ସମସ୍ତ ଅପଚେଷ୍ଟା କରିଥିଲା। ଏନେଇ ଭାରତୀୟ ଜନତା ପାର୍ଟି ସମସ୍ତ ତଥ୍ୟ ଓ ପ୍ରମାଣ ସହ ସିଇଓଙ୍କ ପାଖରେ ଫେରାଦ ହୋଇଥିଲା। ସିଇଓ ମଧ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। କିନ୍ତୁ ଶାସକ ଦଳ ନସୁଧୁରି ପୁଣି ବିଜେଡି ନେତ୍ରୀ ସ୍ୱର୍ଣ୍ଣଲତା ନାୟକ ଏକ ମିଥ୍ୟା ଏକଜିଟ୍ ପୋଲର "ବିଜେଡି ଜିତୁଛି ଧାମନଗର" ଡିଜାଇନ୍ ବନାଇ ତାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରାଉଛନ୍ତି। ଏନେଇ ଭାରତୀୟ ଜନତା ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ଆଭିମୁଖ୍ୟରେ ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ଅଭିଯୋଗ ପତ୍ର ଦେଇଛନ୍ତି।ନିର୍ବାଚନ ପ୍ରଚାର ଗତ ୧ ତାରିଖ ସନ୍ଧ୍ୟାରୁ ସରିବା ପରେ କୌଣସି ପ୍ରକାରର ଏକଜିଟ୍ ପୋଲ୍ ହେଇପାରିବନାହିଁ ବୋଲି ସ୍ପଷ୍ଟ ନିୟମ ଥିବା ମଧ୍ୟରେ ବିଜୁ ଜନତା ଦଳ ତାର ପୁରୁଣା କାରନାମା ଜାରି ରଖୁଛି। ବିଜେଡି ନେତ୍ରୀ ସ୍ୱର୍ଣ୍ଣଲତା ନାୟକ ଏକ ମିଥ୍ୟା ଏକଜିଟ୍ ପୋଲର "ବିଜେଡି ଜିତୁଛି ଧାମନଗର" ଡିଜାଇନ୍ ବନାଇ ତାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରି ଅପରାଧ କରିଛନ୍ତି। କିନ୍ତୁ ଧାମନଗର ଉପନିର୍ବାଚନରେ ଏହା ମିଥ୍ୟା ବିବୃତି ବୋଲି ଗଣମାଧ୍ୟମ ଏହାକୁ ପ୍ରସାରିତ କରିଛି। ଏହା ସିଧାସଳଖ ଏକ ମଡେଲ୍ କୋଡ୍ ଅଫ୍ କଣ୍ଡକ୍ଟ ଏବଂ ୧୨୬-ଇ ଲୋକ ପ୍ରତିନିଧି ଅଧିନିୟମ, ୧୯୫୧ର ଜାଣିଶୁଣି ଆଚରଣ ବିଧି ଉଲ୍ଲଙ୍ଘନ କରୁଛି ଶାସକ ଦଳ। ମିଥ୍ୟା ଅଡିଓ, ଭିଡିଓ ପ୍ରସ୍ତୁତ କରି ମତଦାତାଙ୍କୁ ଭ୍ରମିତ କରୁଛନ୍ତି ଯେଉଁଥିରେ କି ସେଥିରେ ଶାସକ ଦଳ ସଫଳ ହେବ ନାହିଁ। ଧାମନଗର ନିର୍ବାଚନ ମଣ୍ଡଳୀର ନିର୍ବାଚନ ନିୟମକୁ ଖୋଲାଖୋଲି ଉଲଘଂନ କରୁଛି ବିଜୁ ଜନତା ଦଳ। ଏହି ଅଂଚଳରେ ମୁକ୍ତ, ନିରପେକ୍ଷ ଉପନିର୍ବାଚନ କରିବାକୁ ବିଜେପି ସିଇଓଙ୍କୁ ଦାବି କରିଛି। ଏନେଇ ତୁରନ୍ତ ସାଇବର୍ କ୍ରାଇମ୍ ବିଭାଗ ଓ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଏହାର ଦାୟିତ୍ୱ ନେଇ ତଦନ୍ତ କରି ଏ ପ୍ରସଙ୍ଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଡ. ଲେଖାଶ୍ରୀ ଦାବି କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳିର ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଓ ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ମିଳିଲା ଜାମିନ



ଭୁବନେଶ୍ୱର,୩।୧୧(ପି.ଏନ): ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ମିଳିଲା ଜାମିନ। ମାଆ, ଝିଅ ହତ୍ୟା ମାମଲାରେ ତାଙ୍କୁ ଜାମିନ ଦେଇଛନ୍ତି ଛତିଶଗଡ଼ ହାଇକୋର୍ଟ। ମାମଲାରେ ଗତ ଏପ୍ରିଲରେ ଅନୁପଙ୍କୁ ଆଜୀବନ ଜେଲ୍ ଦେଇଥିଲେ ରାଇଗଡ଼ ସେସନ୍ସ କୋର୍ଟ।୨୦୧୬ ମେ' ମାସରେ କଳ୍ପନା ଦାସ ଓ ତାଙ୍କ ୧୪ ବର୍ଷର ଝିଅକୁ ହତ୍ୟା କରାଯାଇଥିଲା। ଛତିଶଗଡ଼ ରାଇଗଡ଼ ଜିଲ୍ଲା ହମିରପୁରରୁ ଉଭୟଙ୍କ ମୃତଦେହ ମିଳିଥିଲା। ଘଟଣାରେ ଅନୁପ ସାଏ ଓ ଡ୍ରାଇଭର ବର୍ଦ୍ଧନ ଟପ୍ପ ? ଗିରଫ ହୋଇଥିଲେ। ଅନୁପଙ୍କୁ ଆଜୀବନ ହୋଇଥିଲା ବେଳେ ଡ୍ରାଇଭର ବର୍ଦ୍ଧନ ଟପ୍ପ ?ଙ୍କୁ ଖଲାସ କରିଥିଲେ କୋର୍ଟ। ସେବେଠୁ ଜେଲ୍ ? ଥିଲେ ଅନୁପ ସାଏ। ଏହି ଘଟଣା ସେତେବେଳେ ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା।

## ହୋଟେଲ ଓ ରେଷ୍ଟୁରାଂଟ ଉପରେ ବିଏମସି କମିଶନରଙ୍କ ଚଢ଼ଉ

ଗଞ୍ଜାମ, ୩।୧୧(ପି.ଏନ): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ମହାନଗର ନିଗମ (ବିଏମସି) କମିଶନର ଏ. ସୋନାଲ୍ ବ୍ରହ୍ମପୁର ବଡବଜାର ଓ ସାନ ବଜାର ଅଂଚଳରେ ଥିବା ବିଭିନ୍ନ ହୋଟେଲ ଓ ରେଷ୍ଟୁରାଂଟ ଉପରେ ଆଜି ଚଢ଼ଉ କରି ଅପମିଶ୍ରିତ, ବିଶାକ୍ତ ଓ ବାସି ଖାଦ୍ୟର ଯାଂଚ୍ କରିଥିଲେ । ଏହି ଘଟଣାରେ ୬ଟି ଦୋକାନରୁ ୭୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଅନ୍ୟାନ୍ୟ ହୋଟେଲ, ରେଷ୍ଟୁରାଂଟ ଗୁଡିକୁ ମଧ୍ୟ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ।

## ଧାମନଗର ଉପନିର୍ବାଚନ: ଭୋଟିଂ ଶେଷ, ଇଭିଏମ୍‌ରେ ସିଲ୍ ହେଲା ୫ ପ୍ରାର୍ଥୀଙ୍କ ଭାଗ୍ୟ : ୬୬.୬୩ ପ୍ରତିଶତ ମତଦାନ

ଭଦ୍ରକ/ଭୁବନେଶ୍ୱର, ୩।୧୧(ପି.ଏନ): ଆଜି ଥିଲା ଧାମନଗର ବିଧାନସଭା ଉପନିର୍ବାଚନ। କାଁ ଭାଁ ଗଣ୍ଡଗୋଳକୁ ଛାଡିଦେଲେ ସୁରୁଖୁରୁରେ ସରିଛି ମତଦାନ। ଆଜି ସକାଳ ୯ଟା ସୁଦ୍ଧା ୧୦.୨୫ ପ୍ରତିଶତ ମତଦାନ ରହିଥିବାବେଳେ ୧୧ ଟା ସୁଦ୍ଧା ୨୨.୩୬ ପ୍ରତିଶତ, ଅପରାହ୍ନ ୧ ଟା ସୁଦ୍ଧା ୩୮.୭୫, ୩ ଟା ସୁଦ୍ଧା ୫୨.୧୩, ୫ ଟା ସୁଦ୍ଧା ୫୮.୫୩ ପ୍ରତିଶତ ରହିଥିବାବେଳେ ଓ ଶେଷସୁଦ୍ଧା ୬୬.୬୩ ପ୍ରତିଶତ ମତଦାନ ରହିଥିବାର ଜଣାପଡିଛି। ଏଠାରେ ସୂଚନାଯୋଗ୍ୟ ଧାମନଗର ଉପନିର୍ବାଚନ ଲାଗି ବ୍ୟାପକ ପ୍ରସ୍ତୁତି ହୋଇଥିଲା। ବୁଥର ଶହେ ମିଟର ଭିତରେ ବିଶୃଙ୍ଖଳାକାରୀଙ୍କୁ ଗରିଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉପନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ମୋଟ ୯୯୭ ଜଣ ପୁଲିସ୍ କର୍ମଚାରୀ ମଧ ବିଭିନ୍ନ ମତଦାନ କେନ୍ଦ୍ରରେ ରହିଥିଲେ। ସେହିଭଳି ୪ କଂପାନୀ ସିଆରପିଏଫ, ୨୪ଟି ମୋବାଇଲ୍ ପାର୍ଟି, ୨୨ ପ୍ଲାଟୁନ ଷ୍ଟେଟ୍ ଆର୍ମଡ୍ ଫୋର୍ସ, ୩୦ ଜଣ ସେକ୍ଟର ଅଧିକାରୀ, ୯ ସେକ୍ଟର ମାଜିଷ୍ଟ୍ରେଟ୍, ୧୦୦ ଜଣ ସବ୍‌ଇନ୍ସପେକ୍ଟର ଓ ଇନ୍ସପେକ୍ଟର, ୨ ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ୬ ଡିଏସ୍‌ପି ମୁତୟନ ହୋଇଥିଲେ। ଚିହ୍ନଟ ହୋଇଥିବା ୧୧୦ ଟି ଉତେଜନା ପ୍ରବଣ ବୁଥ୍ ଓ ୨୫ଟି ଅତି ଉତେଜନା ପ୍ରବଣ ବୁଥ୍‌ରେ ସଶସ୍ତ୍ର ବଳଙ୍କୁ ମୁତୟନ କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା।

## ରାଜ୍ୟରେ କୃଷିଜାତ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ବ୍ୟାପକ ସୁଯୋଗ ରହିଛି:ମନ୍ତ୍ରୀ ଶ୍ରୀ ସ୍ୱାଇଁ

ଭୁବନେଶ୍ୱର,୩।୧୧(ପି.ଏନ): ରାଜ୍ୟରେ କୃଷିଜାତ ଶିଳ୍ପ ପ୍ରତିଷ୍ଠା ଦିଗରେ ବ୍ୟାପକ ସୁଯୋଗ ରହିଛି । ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଂଜିନିବେଶ ଉଦ୍ୟୋଗ ଲିମିଟେଡ୍ (ଆପିକଲ) ମାଧ୍ୟମରେ ଅଧିକରୁ ଅଧିକ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଆପିକଲକୁ ଅଧିକ କ୍ରିୟାଶୀଳ କରାଯାଉଛି । ଏହା ଦ୍ୱାରା ରାଜ୍ୟରେ କୃଷକମାନଙ୍କର ଆୟବୃଦ୍ଧି ଘଟିବା ସହିତ ନିଯୁକ୍ତି ବୃଦ୍ଧି ପାଇବ। ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅନ୍ତତଃ ୧୦୦ କୋଟି ଟଙ୍କାର କୃଷି ଉଦ୍ୟୋଗ ରିହାତି ଆପିକଲ ମାଧ୍ୟମରେ ପ୍ରଦାନ କରିବାର ପ୍ରସ୍ତାବ ରହିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।ଗୁରୁବାର କୃଷି ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆପିକଲର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଅବସରରେ କୃଷି ଉଦ୍ୟୋଗୀ ପ୍ରୋତ୍ସାହନ ଯୋଜନାରେ ୧୦୦୦ରୁ ଉର୍ଦ୍ଧ୍ୱ କୃଷି ଓ ଆନୁଷଙ୍ଗିକ କୃଷି ଉଦ୍ୟୋଗୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟରେ କୃଷି ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ନୂତନ ଉଦ୍ୟୋଗୀ ଚିହ୍ନଟ ଓ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ତିନୋଟି ଆଞ୍ଚଳିକ ପ୍ରଶିକ୍ଷଣ ଓ ସଂପ୍ରସାରଣ ଅନୁଷ୍ଠାନ ବଲାଙ୍ଗୀର, ବ୍ରହ୍ମପୁର ଓ ଢେଙ୍କାନାଳର ମହିଷାପାଟଣା କେନ୍ଦ୍ରଗୁଡ଼ିକରେ ମଧ ଉଦ୍ୟୋଗୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ବୈଠକରେ ପ୍ରସ୍ତାବ ରଖାଗଲା । ଆପିକଲ ମାଧ୍ୟମରେ ରାଜ୍ୟରେ କୃଷିଜାତ ଦ୍ରବ୍ୟ ଉଦ୍ୟୋଗ ପ୍ରତିଷ୍ଠା ସହିତ ବିଭିନ୍ନ ଫଳ, ପନିପରିବା, ମତ୍ସ୍ୟ ଓ ପ୍ରାଣୀସଂପଦ କ୍ଷେତ୍ରରେ ଶିଳ୍ପୋଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ପ୍ରଶିକ୍ଷଣ ଓ ରିହାତି ପ୍ରଦାନ କରାଯାଉଛି । ଆପିକଲ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିବାବେଳେ ଏହି କାର୍ଯ୍ୟକ୍ରମରେ ଟ୍ରାନ୍ସଜେଣ୍ଡରମାନଙ୍କୁ ମଧ ଅନ୍ତର୍ଭୁକ୍ତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ। ଏଥି ସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରଧାନମନ୍ତ୍ରୀ ଫରମାଲାଇଜେସନ୍ ଅଫ୍ ମାଇକ୍ରୋ ଫୁଡ୍ ପ୍ରୋସେସିଂ ଏଂଟରପ୍ରାଇଜର ଯୋଜନାର ଉତମ ପରିଚାଳନା କରିବା ପାଇଁ ନିୟୋଜିତ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶାରେ ବିଦେଶୀ ଫଳ ଉତ୍ପାଦନ ଓ ରପ୍ତାନୀର ବ୍ୟାପକ ସୁଯୋଗ ରହିଥିବାବେଳେ ଓଡ଼ିଶାରୁ ଝୋଟ ଓ କପାଜାତ ଦ୍ରବ୍ୟ ରପ୍ତାନୀ ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । କୃଷି ରପ୍ତାନୀ ନୀତିରେ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଦ୍ରବ୍ୟ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷ ଏବଂ ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ସାମିଲ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଆପିକଲ ଦ୍ୱାରା ପ୍ରଚାରପ୍ରସାର କାର୍ଯ୍ୟକ୍ରମର ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିଥିଲେ । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଆପିକଲର ବିଭିନ୍ନ କାର୍ଯ୍ୟକ୍ରମ ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାକୁ ତ୍ୱରାନ୍ୱିତ କରାଯାଇଛି ବୋଲି ପ୍ରକାଶ କରିଥିଲେ ।

## ବାଉଳି ହେଉଛି ପ୍ରଶାସନ ! ପ୍ରତିଦିନ ବଦଳାଉଛି ନିଷ୍ପତ୍ତି



ଆଠଗଡ଼,୩।୧୧(ପି.ଏନ): ବର୍ଷ ସାରା ଚେଇଁ ଶୋଇଲା ପ୍ରଶାସନ ! ବାବା ଧବଳେଶ୍ୱର ପୀଠକୁ ଯାଇଥିବା ଝୁଲା ପୋଲ୍ ?କୁ ଯାଞ୍ଚ କରୁନଥିଲା ! ଗୁଜରାଟ ମୋର୍ବି ଦୁର୍ଘଟଣା ପରେ ଝୁଲାପୋଲକୁ ନେଇ ହଠାତ୍ ଚେଇଁ ଉଠିଲା। ଆଉ ତରବରିଆ ଭାବେ ଝୁଲା ପୋଲ ଯାଞ୍ଚ କରି ବନ୍ଦ କରିବାକୁ ନିଷ୍ପତ୍ତି ନେଲା। ହେଲେ ବାବାଙ୍କୁ କେମିତି ଦର୍ଶନ କରିବେ ଶ୍ରଦ୍ଧାଳୁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ବାଉଳି ହୋଇଛି ଜିଲ୍ଲା ପ୍ରଶାସନ ! ପ୍ରତିଦିନ ନେଉଛି ନୂଆ ନୂଆ ନିଷ୍ପତ୍ତି। ଯାହାକୁ ନେଇ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।ବାବା ଧବଳେଶ୍ୱର ପୀଠକୁ ଯିବା ପାଇଁ ମହାନଦୀ ଉପରେ ତିଆରି କରାଯାଇଥିଲା ଝୁଲା ପୋଲ। ଗୁଜରାଟ ଘଟଣା ପରେ ପୋଲ ଦୁର୍ବଳ ଥିବା ଜଣାପଡ଼ିବାରୁ ପଞ୍ଚୁକ ପୂର୍ବରୁ ଆଗୁଆ ୧୪୪ ଧାରା ଜାରି କରିଥିଲା ପ୍ରଶାସନ। ଏମିତିକି ଝୁଲା ପୋଲରେ ଯାତ୍ରୀଙ୍କୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଡଙ୍ଗା କି ବୋଟ୍ ?ରେ ଯିବା ପାଇଁ ମଧ ଭକ୍ତଙ୍କୁ ବାରଣ ଲଗାଯାଇଥିଲା। ପ୍ରଶାସନର ଏଭଳି କଠୋର ନିଷ୍ପତ୍ତିକୁ ନେଇ ଉଭୟ ଭକ୍ତ ଓ ପୂଜକଙ୍କ ଅସନ୍ତୋଷ ବଢୁଥିବାରୁ ନିଷ୍ପତ୍ତିରେ ପୁଣି ବଦଳି ଥିଲା।ଆଠଗଡ଼ ଉପ-ଜିଲ୍ଲାପାଳଙ୍କ ସୂଚନା ଅନୁସାରେ ପଞ୍ଚୁକରେ ଝୁଲା ପୋଲ ପାଖରେ ନୁହେଁ, ବରଂ ପୀଠର ମୁଖ୍ୟ ରାସ୍ତା ଗେଟ୍ ? ପାଖରେ ଏକ LED ଲାଗିବ। ଖରଉ ପରଦା ଜରିଆରେ ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ଦର୍ଶନ କରିପାରିବେ। ହେଲେ ସେଠି କୌଣସି ପ୍ରକାର ପୂଜାର୍ଚ୍ଚନା ହେବନି କି ଭୋଗ ଲାଗିବନି। ଯଦି ଅଧିକ ଭକ୍ତଙ୍କ ଭିଡ଼ ହୁଏ, ତାହାଲେ ଆଉ ଏକ ଖରଉ ଲାଗିବ। ଭକ୍ତମାନେ ଚାହିଁଲେ ସେଇଠୁ ପୂଜକଙ୍କ ମାଧ୍ୟମରେ ଭୋଗ ଠାକୁରଙ୍କ ପାଖକୁ ପଠାଇ ପାରିବେ। ଗଜଭୋଗ ନିଜସ୍ୱ ଉଦ୍ୟମରେ ସେବକଙ୍କ ଘରୁ ସଂଗ୍ରହ କରିବେ। ତା'ସହ ପୂର୍ବଭଳି ଯାତ୍ରା ଚାଲିବ ବୋଲି ଉପଜିଲ୍ଲାପାଳ କହିଥିଲେ। ତେବେ ପ୍ରଶାସନର ଏଭଳି ନିଷ୍ପତ୍ତି ଅତି ବିଚିତ୍ର ବୋଲି ସେବକମାନେ କହିବା ସହ କରୋନାଠାରୁ ଏ କଟକଣା ଅଧିକ ଯନ୍ତ୍ରଣାଦାୟକ ବୋଲି ଆକ୍ଷେପ କରିଛନ୍ତି।

## ୧୦ ବର୍ଷ ହେଲା ଘର ବାରଣ୍ଡାରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର



କୋଇଡା,୩।୧୧(ପି.ଏନ) : ୧୦ ବର୍ଷ ତଳେ ଭାଙ୍ଗି ଯାଇଥିଲା ଅଙ୍ଗନବାଡି କେନ୍ଦ୍ର ଗୃହ। ବାସ୍, ତା'ପରଠୁ ଅଙ୍ଗନବାଡି ହେଲ୍‌ପରଙ୍କ ଘର ବାରଣ୍ଡାରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର। ୧୦ ବର୍ଷ ବିତି ଯାଇଥିଲେ ବି ଅଙ୍ଗନବାଡି କେନ୍ଦ୍ର ପାଇଁ ନୂଆ ଘରଟିଏ ହୋଇପାରିନାହିଁ। ଏହି ଚିତ୍ର ଆସିଛି ସୁନ୍ଦରଗଡ ଜିଲ୍ଲା କୋଇଡା ବ୍ଲକ ଯଲଦି ଗାଁରୁ।ବଡ ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଯଲ? ଗାଁର ଅଙ୍ଗନବାଡି କେନ୍ଦ୍ର। ପ୍ରଥମ ଓ ପ୍ରମୁଖ ସମସ୍ୟା ହେଉଛି, ଏହାର ନିଜସ୍ୱ ଗୃହ ନାହିଁ। ପ୍ରାୟ ୨୦ ଶିଶୁଙ୍କୁ ନେଇ ଅଙ୍ଗନବାଡି ହେଲ୍ ?ପର ଗାୟତ୍ରୀ ଦେହୁରୀଙ୍କ ମାଟି ଖପର ଘରର ଅଣଓସାରିଆ ବାରଣ୍ଡାରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର। ଖରା,ବର୍ଷା ଓ ଶୀତରେ ଏହି ବରଣ୍ଡାରେ ବସି ପିଲାଏ ପାଠ ପଢ଼ନ୍ତି ଓ ଖାଦ୍ୟ ଖାଆନ୍ତି। ଖରା ଓ ଶୀତ ଦିନେ କୌଣସି ମତେ ଏସବୁ କାର୍ଯ୍ୟ ହେଉଥିଲେ ମଧ ବର୍ଷା ଦିନେ ଭାରି କଷ୍ଟ ହୁଏ। ବର୍ଷା ହେଲେ ଅଙ୍ଗନବାଡି କେନ୍ଦ୍ର ବନ୍ଦ ହୋଇଯାଏ। ପିଲାଏ ଆସନ୍ତି ନାହିଁ।ଦ୍ୱିତୀୟ ସମସ୍ୟା ହେଉଛି, ଏହି ଅଙ୍ଗନବାଡି କେନ୍ଦ୍ର ପାଇଁ ଜଣେ ଅଙ୍ଗନବାଡି ଦିଦି ନିଯୁକ୍ତ ହୋଇଥିଲେ ହେଁ, ସେ ସବୁ ଦିନେ ଆସନ୍ତି ନାହିଁ। ସେ ୧୦/୧୫ ଦିନରେ ଥରେ ଆସନ୍ତି ବୋଲି ଅଭିଯୋଗ ହୋଇଛି। ସେ ଅନୁପସ୍ଥିତ ରହୁଥିବା ଯୋଗୁ ଅଙ୍ଗନବାଡି ହେଲ୍ ?ପର ଗାୟତ୍ରୀ ଦେହୁରୀ ସବୁ ବୁଝାବୁଝି କରନ୍ତି। ସେ ପିଲାଙ୍କୁ ପାଠ ପଢ଼ାଇବା ସହିତ ସେମାନଙ୍କ ପାଇଁ ଖାଇବା ବ୍ୟବସ୍ଥା କରନ୍ତି।ଅଙ୍ଗାବନାଡି କେନ୍ଦ୍ର ପାଇଁ ସ୍ୱତନ୍ତ୍ର ଘରଟିଏ ନଥିବାରୁ ଏଠାକୁ ଆସୁଥିବା ପିଲାମାନେ ଅନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ପିଲାଙ୍କୁ ବିଭିନ୍ନ କଥା ଶିଖାଇବା ପାଇଁ ବିଭିନ୍ନ ପ୍ରକାର ଚିତ୍ର ବା ଛବିର ସାହାଯ୍ୟ ନିଆଯାଏ। ଫଳରେ ପିଲାଙ୍କ ମଧ୍ୟରେ ଶିଖିବା ପାଇଁ ଆଗ୍ରହ ପ୍ରକାଶ ପାଏ। ସ୍ୱତନ୍ତ୍ର ଘରଟିଏ ନଥିବାରୁ ତଥା ଅଙ୍ଗନବାଡି ଦିଦି ନିତି ଦିନ ଆସୁନଥିବାରୁ ଖେଳ ଖେଳରେ ବା ଗୀତନାଚ କରି ପିଲାଙ୍କୁ ଯେମିତି ଶିକ୍ଷା ଦିଆଯିବା କଥା, ତାହା ବି ହୋଇପାରୁନାହିଁ।ଅଙ୍ଗନବାଡି ହେଲ୍ ?ପର ଗାୟତ୍ରୀ ଦେହୁରୀ କହିଛନ୍ତି, କେତେ ଦିନ ଆଉ ଏମିତି ଚାଲିବ ? ଆମ ଘର ବରଣ୍ଡାରେ ଏମିତି ଅଙ୍ଗନବାଡି କେନ୍ଦ୍ର ଚାଲିବାକୁ ଆମ ପରିବାର ଲୋକେ ବିରୋଧ କରୁଛନ୍ତି। ସେମାନେ କହୁଛନ୍ତି, କେତେବେଳେ କ'ଣ ଅଘଟଣ ଘଟିଲେ କିଏ ଦାୟୀ ରହିବ ସେତେବେଳେ ସରକାର କିଛି ବୁଝିବେ କି ସେଥିପାଇଁ ମୁଁ ବି ଚାହୁଁନି ଯେ ଆମ ଘରେ ଅଙ୍ଗନବାଡି କେନ୍ଦ୍ର ଚାଲୁ। ତେଣୁ ସରକାର ଯେତେ ଶୀଘ୍ର ହୋଇପାରିବ ଆମ ଗାଁରେ ଅଙ୍ଗନବାଡି କେନ୍ଦ୍ର ପାଇଁ ଘରଟିଏ ତିଆରି କରି ଦିଅନ୍ତୁ।

## ମହାରାଷ୍ଟ୍ର ରୋଜଗାର ମେଳାକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ , ୩।୧୧(ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ର ସରକାରଙ୍କ ରୋଜଗାର ମେଳାକୁ ଭିଡିଓ ବାର୍ତ୍ତା ମାଧ୍ୟମରେ ସମ୍ବୋଧିତ କରିଛନ୍ତି । ପ୍ରଧାନମନ୍ତ୍ରୀ ଧନତେରାସରେ ଜାତୀୟ ସ୍ତରରେ ରୋଜଗାର ମେଳାର ଶୁଭାରମ୍ଭ କରିଥିଲେ । କେନ୍ଦ୍ର ସରକାରଙ୍କ ସ୍ତରରେ ୧୦ ଲକ୍ଷ ଚାକିରି ଯୋଗାଇବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଥିଲା । ସେବେଠାରୁ ପ୍ରଧାନମନ୍ତ୍ରୀ ଗୁଜୁରାଟ ଏବଂ ଜାମ୍ମୁ ଓ କାଶ୍ମୀର ସରକାରଙ୍କ ରୋଜଗାର ମେଳାକୁ ସମ୍ବୋଧିତ କରିଛନ୍ତି । ରୋଜଗାର ମେଳାର ଆୟୋଜନ ଏତେ କମ୍ ସମୟ ମଧ୍ୟରେ ହୋଇଥିବାରୁ ଏହା ସ୍ପଷ୍ଟ ଯେ ମହାରାଷ୍ଟ୍ର ସରକାର ଯୁବକମାନଙ୍କୁ ରୋଜଗାର ଯୋଗାଇବା ଦିଗରେ ଦୃଢ଼ ସଂକଳ୍ପ ନେଇ କାର୍ଯ୍ୟ କରୁଛନ୍ତି । ମୁଁ ମଧ ଖୁସି ଯେ ଆଗାମୀ ସମୟରେ ମହାରାଷ୍ଟ୍ରରେ ଏଭଳି ନିଯୁକ୍ତି ମେଳା ଆହୁରି ବ୍ୟାପକ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି । ମହାରାଷ୍ଟ୍ରର ଗୃହ ବିଭାଗ ଏବଂ ରାଜ୍ୟର ଗ୍ରାମୀଣ ବିକାଶ ବିଭାଗରେ ହଜାର ହଜାର ନିଯୁକ୍ତି ହେବ ।ପ୍ରଧାନମନ୍ତ୍ରୀ ଦୋହରାଇଛନ୍ତି ଯେ ଅମୃତ କାଳରେ ବିକଶିତ ଭାରତର ଲକ୍ଷ୍ୟ ଉପରେ ଦେଶ କାର୍ଯ୍ୟ କରୁଛି ଯେଉଁଠାରେ ଯୁବକମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ । ସେ କହିଛନ୍ତି ପରିବର୍ତ୍ତିତ ସମୟରେ ନିଯୁକ୍ତିର ପ୍ରକାର ଦ୍ରୁତ ଗତିରେ ବଦଳୁଛି, ସରକାର ମଧ ବିଭିନ୍ନ ପ୍ରକାରର ଚାକିରି ପାଇଁ ସୁଯୋଗ ସୃଷ୍ଟି କରୁଛନ୍ତି । ସେ କହିଛନ୍ତି ଯେ ମୁଦ୍ରା ଯୋଜନା ଯୁବକମାନଙ୍କୁ ବନ୍ଧକ ମୁକ୍ତ ଋଣ ଦେଉଛି ଏବଂ ୨୦ ଲକ୍ଷ କୋଟି ଟଙ୍କା ମୂଲ୍ୟର ଋଣ ପ୍ରଦାନ କରାଯାଇ ସାରିଛି । ସେହିଭଳି ଷ୍ଟାର୍ଟ ଅପ୍ ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଏକ ବଡ଼ ଉପାୟରେ ସମର୍ଥନ କରାଯାଉଛି । ମହାରାଷ୍ଟ୍ରର ଯୁବକମାନେ ଏଥିରୁ ଉପକୃତ ହୋଇଛନ୍ତି ବୋଲି ସେ କହିଛନ୍ତି ।ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ ସରକାରଙ୍କ ଉଦ୍ୟମ ବିଷୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦଳିତ-ପଛୁଆ, ଆଦିବାସୀ, ସାଧାରଣ ବର୍ଗ ଏବଂ ମହିଳାଙ୍କ ପାଇଁ ରୋଜଗାର ଏବଂ ଆତ୍ମନିଯୁକ୍ତି ଲାଗି ଏହି ସୁଯୋଗଗୁଡ଼ିକ ସମାନ ଭାବରେ ଉପଲବ୍ଧ ହେଉଛି । ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଜଡିତ ୮ କୋଟି ମହିଳାଙ୍କୁ ୫ ଲକ୍ଷ କୋଟି ଟଙ୍କା ମୂଲ୍ୟର ସହାୟତା ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜି ଦେଶର ଭିତ୍ତିଭୂମି, ସୂଚନା ପ୍ରଯୁକ୍ତିବିଦ୍ୟା ତଥା ଅନ୍ୟାନ୍ୟ କ୍ଷେତ୍ରରେ ସରକାର ଯେଉଁ ରେକର୍ଡ ପରିମାଣର ପୁଞ୍ଜି ବିନିଯୋଗ କରୁଛନ୍ତି ତାହା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି । ମହାରାଷ୍ଟ୍ର ସମ୍ପର୍କରେ ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ରାଜ୍ୟ ପାଇଁ ୨ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ୨୨୫ ଟି ପ୍ରକଳ୍ପକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖି କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବି୍ଣୁ ଇଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଷ୍ୟଟକଙ୍କ ଭିଡ। ଏହି ଉଦେଣ୍ଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଷ୍ୟରେ ସାହାଯଣ୍ଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଷ୍ୟତୀତ ଅନଣ୍ଷ୍ୟ ରାଜଣ୍ଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଷ୍ୟାରେ ପର୍ଯଣ୍ଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଷ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଷ୍ୟଟକଙ୍କ ଭିଡକୁ ଲକ୍ଷଣ୍ଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଷ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




## ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଶାରୀରିକ ଶିକ୍ଷା କ୍ରୀଡା ନିରୀକ୍ଷକ ଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା

ବଲାଙ୍ଗୀର, (ପି.ଏ): ସୁବର୍ଣ୍ଣପୁର ଜ଼ିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜ଼ିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଶ୍ରୀ ଦୁର୍ଯ୍ୟୋଧନ ରାଉତ ଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଜ଼ିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଲକ୍ଷ୍ମଣ ଭୋଇ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ରାଉତ ଙ୍କୁ ମାନପତ୍ର ଉପଢୌକନ ଫୁଲ ତୋଡ଼ା ପ୍ରଦାନ ପୂର୍ବକ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିବ । ବେଳେ ଶ୍ରୀ ରାଉତ ଦୀର୍ଘ ୧୧ ବର୍ଷ ଧରି ଜ଼ିଲ୍ଲା ରେ ଖୁବ ନିଷ୍ଠା ଓ ସଫଳତା ର ସହିତ କାର୍ଯ୍ୟ କରିଥିବାରୁ ଏବଂ କ୍ରୀଡା କ୍ଷେତ୍ର ରେ ରାଜ୍ୟ ତଥା ଜାତୀୟ ସ୍ତର ରେ ଶହ ଶହ କ୍ରୀଡ଼ାବିତ ଙ୍କୁ ଭାଗ ନେବାରେ ସଫଳ କରାଇବାରେ କଠିନ ପରିଶ୍ରମ ଉଦ୍ୟମ କରି ସଫଳ କରାଇ ଜ଼ିଲ୍ଲା ର ଗୌରବ ବଢ଼ାଇଥିବାରୁ ସଭାର ଅତିଥି ଶ୍ରୀ ଭୋଇ ଓ ସମସ୍ତ ଅଧିକାରୀ କର୍ମଚାରୀ ଶିକ୍ଷକ ଶ୍ରୀ ରାଉତ ଙ୍କୁ ଖୁବ ପ୍ରଶଂସା କରିଥିଲେ । ଦୀର୍ଘ ଓ ସୁଖ ମୟ ଜୀବନ ଯାପନ ପାଇଁ ମଙ୍ଗଳ କାମନା କରିଥିଲେ । ଠିକ ସେହିପରି ତରଭା ବ୍ଲକ ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ପକ୍ଷରୁ ତରଭା ଠାରେ, ଓଡିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଶାଖା ପକ୍ଷରୁ ସ୍କୁଲ ଫୁଟବଲ କ୍ରୀଡା ଉତ୍ସବ ରେ ଓ ଇନଫିନିଟି ସ୍ପୋର୍ଟ୍ସ କ୍ଲବ ସୁବର୍ଣ୍ଣପୁର ପକ୍ଷରୁ ସୋନପୁର ଠାରେ ଏକ ସ୍ୱତନ୍ତ୍ର ସଭାରେ ଶ୍ରୀ ରାଉତ ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଜଣେ ସୁ ସଂଗଠକ, ସଫଳ କ୍ରୀଡାବିତ, କଳାକାର, ନାଟ୍ୟକାର ଭାବେ ଉଚ୍ଚ ପ୍ରଶଂସା କରାଯାଇଥିଲା ।

## ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ଜୟପୁର, (ପି.ଏନ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ଜୟପୁର ଠାରେ ଗୁପ୍ତେଶ୍ୱର ଏଚ୍ ପି ଗ୍ୟାସ୍ ଏଜେନ୍ସି ସହଯୋଗରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି । ଗୁପ୍ତେଶ୍ୱର ଗ୍ୟାସ୍ ଏଜେନ୍ସିର ବିତରକ ଶ୍ରୀ ଦିବାକର ପାଢୀଙ୍କ ସହାୟତାରେ ଏକ ପ୍ରଶ୍ନମଂଚ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଅଧ୍ୟାପିକା ଡ କନକଲତା ମହାପାତ୍ର ପ୍ରଶ୍ନମଂଚ ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ଼ ମନୋରଞ୍ଜନ ପ୍ରଧାନ ସଂପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସହଯୋଗ କରିଥିଲେ । ଅଧ୍ୟାପିକା ସୁନୀତା ପ୍ରଧାନ, ସୀମା ମହାପାତ୍ର, ଆଲୋକ ମହାରଣା, ସନ୍ତୋଷ ପଟ୍ଟନାୟକ, ବିକାଶ ବାଗ୍ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ ।ପ୍ରଥମେ ପ୍ରତିଭାଗି ମାନଙ୍କୁ ଲିଖିତ ପରୀକ୍ଷା ମାଧ୍ୟମରେ ମାତ୍ର ଆଠ ଜଣଙ୍କୁ ଚୟନ କରି ଚୋରୋଟି ଦଳରେ ବିଭକ୍ତ କରାଯାଇଥିଲା ।ପରେ ସେହି ଦଳ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାରି ରାଉଣ୍ଡରେ କରାଯାଇଥିଲା । ପ୍ରତିଯୋଗିତାରେ ସସ୍ମିତା ଚାଲାଣ ଓ ରଞ୍ଜିତା ଦିଶାରୀ ପ୍ରଥମ, ଭବାନୀ ସିଂହ ଓ ଭି ନବ୍ୟା ପଟ୍ଟନାୟକ ଦ୍ୱିତୀୟ, ସ୍ମୃତି ସନ୍ଧ୍ୟା ରାଉତ ଓ ଇତୀଶ୍ରୀ ରଥ ତୃତୀୟ ସ୍ଥାନ କରି ପ୍ରମାଣ ପତ୍ର ଓ ଟ୍ରଫି ପୁରସ୍କାର ରୂପେ ପାଇଥିବା ବେଳେ ଚତୁର୍ଥ ଦଳର କବିତା ହରିଜନ ଓ ରୁକ୍ମିଣୀ ଜାନୀଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆଯାଇଥିଲା । ଶ୍ରୋତା ଭାବେ ଉପସ୍ଥିତ ପ୍ରତିଭାଗି ମାନଙ୍କୁ ମଧ୍ୟରୁ ଅନେକ ଛାତ୍ରୀ ସଠିକ୍ ଉତ୍ତର ଦେଇ ଅନେକ କଲମ ପୁରସ୍କାର ଭାବେ ଜିତି ଥିଲେ ।

## ବାଲିଯାତ୍ରା ମହୋତ୍ସବର ଗୋବରୀ ନଦୀର ଅସ୍ଥାୟୀ ପୋଲକୁ ପୁଲିସ ଭାଙ୍ଗିଦେଲା



କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମପଞ୍ଚାୟତର ସୁଜାନଗର ଗ୍ରାମର ଗୋବରୀ ନଦୀପଠାରେ ବାଲିଯାତ୍ରାର ଆୟୋଜନ ଚାଲିଛି । ଜିଲ୍ଲାପ୍ରଶାସନ ଏବଂ ଜଳସେଚନ ବିଭାଗର ବିନା ଅନୁମତିରେ ସେହି ମହୋତ୍ସବ ସ୍ଥଳକୁ ଯିବାପାଇଁ ମହୋତ୍ସବ କମିଟି ପକ୍ଷରୁ ଗୋବରୀ ନଦୀ ଉପରେ ଏକ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରାଯାଇଥିଲା । ବାଉଁଶଖୁଣ୍ଟଉପରେ ପଟାପକାଯାଇ ଏହି ପୋଲ ନିର୍ମାଣ କରାଯାଇଥିଲା । ସେହି ପୋଲଟି ବିପଦଜନକ ଅବସ୍ଥାରେ ଥିବାରୁ ଏବଂ ଲୋକଙ୍କ ଭିଡଯୋଗୁ ଭାଙ୍ଗିଯିବାର ଆଶଙ୍କାକରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ସେହି ପୋଲକୁ ଭାଙ୍ଗିଦେବା ପାଇଁ କେନ୍ଦ୍ରାପଡା ଟାଉନ ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । ଉପଜିଲ୍ଲାପାଳଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ପୋଲିସ ପକ୍ଷରୁ ଗୁରୁବାର ସଂଧ୍ୟାରେ ସେହି ପୋଲଟିକୁ ଭାଙ୍ଗିଦିଆଯିବା ସହିତ ପୋଲର ପଟାଗୁଡିକ ଜବତ କରାଯାଇଛି । କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରାଙ୍କ ପୃଷ୍ଠପୋଷକତାରେ ସେହି ବାଲିଯାତ୍ରା ମହୋତ୍ସବ ଗୋବରୀ ନଦୀପଠାରେ ଅନୁଷ୍ଠିତ ହୋଇଆସୁଛି ।

## ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର, (ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି । ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି । ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି । ୦.୩ ମିଟର ହିସାବରେ୍ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି । ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ସିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି । ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ । ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି । ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଲି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି । ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାରଣ ମଧ୍ୟ ରହିଛି । ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି । ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି ।

## ଦେବଶ୍ରୀ ଟ୍ରେଡର୍ସ ପରିଦର୍ଶନ କଲେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ

ବଲାଙ୍ଗୀର, (ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଅସିତ ତ୍ରିପାଠୀ ବଲାଙ୍ଗିର ଗସ୍ତରେ ଆସିଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଏହି କ୍ରମରେ ଆଜି ଅପରାହ୍ନରେ ସ୍ଥାନୀୟ ରାଜୀବନଗର ସ୍ଥିତ ଦେବଶ୍ରୀ ଟ୍ରେଡର୍ସ ପରିଦର୍ଶନ କରିଛନ୍ତି । ତାଙ୍କ ସହ ଜିଲ୍ଲାପାଳ ଚଂଚଳ ରାଣା, ଏସ୍‌ପି ନୀତିନ କୁଶଲକର, ଜିଲ୍ଲାସ୍ତରୀୟ ଅନ୍ୟ ଅଧିକାରୀ ମାନେ ଓ ଦେବଶ୍ରୀ ଟ୍ରେଡର୍ସର ଅନ୍ୟତମ ପରିଚାଳକ ପ୍ରସନ୍ନ କୁମାର ଗିରିଙ୍କ ସହ ପ୍ରେସ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଦେବଶ୍ରୀ ଟେଡର୍ସ ମୁଦ୍ରଣ କାର୍ଯ୍ୟରେ ଏବେ ସାରା ଓଡିଶାରେ ଏକ ସଫଳ ଅନୁଷ୍ଠାନ ଭାବେ ପରିଚୟ ସୃଷ୍ଟି କରିପାରିଥିବା ବେଳେ ବଲାଙ୍ଗିର ମାଟି ପାଇଁ ଗର୍ବ ଏବଂ ଗୌରବ ଆଣି ଦେଇଛି ।

## ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି । ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି । ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି । ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧିକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ । ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍‌ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି । ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ । ବ୍ରିଜ ଅଞ୍ଚଳର କରୋନା ମହାମାରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ । ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ ।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା । ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ । ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା । ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର । ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି । ଚାକିରୀ ବିକିରୀର ପ୍ରତିବାଦ କରିଛି । ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି । ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ମୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଓଏମସି ଦ୍ୱାରା କିଣାଯିବାକୁ ଥିବା ଇଥାନଲ କ୍ରୟ ବ୍ୟବସ୍ଥାକୁ କ୍ୟାବିନେଟ ମଞ୍ଜୁରି

ନୂଆଦିଲ୍ଲୀ, (ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ବୈଠକରେ ଇଥାନଲ ଦର ବୃଦ୍ଧିକୁ ଅନୁମୋଦନ କରାଯାଇଛି । ଆଖୁର ବିଭିନ୍ନ କଞ୍ଚାମାଲରୁ ଇଥାନଲ ପ୍ରସ୍ତୁତ ହୋଇଥାଏ । ୧ ଡିସେମ୍ବର ୨୦୨୨ରୁ ୩୧ ଅକ୍ଟୋବର ୨୦୨୩ ମଧ୍ୟରେ ପଡୁଥିବା ଇଥାନଲ ଯୋଗାଣ ବର୍ଷ (ଇଏସଓ୍ୱାଇ) ୨୦୨୨-୨୩ ସମୟରେ ଆଗାମୀ ୨୦୨୨-୨୩ ଚିନି ଋତୁ ପାଇଁ ଇବିପି କାର୍ଯ୍ୟକ୍ରମ ଅଧୀନରେ ଏହି ଦରବୃଦ୍ଧି କରାଯାଇଛି । ଇଥାନଲ ମିଶ୍ରିତ ପେଟ୍ରୋଲ (ଇବିପି) କାର୍ଯ୍ୟକ୍ରମ ଅଧୀନରେ ରାଷ୍ଟ୍ରାୟତ୍ତ ତୈଳ ବିପଣ କମ୍ପାନୀ (ଓଏମସି) ଦ୍ୱାରା ଇଥାନଲ କ୍ରୟ ବ୍ୟବସ୍ଥାକୁ କ୍ୟାବିନେଟ ମଞ୍ଜୁରି ମିଳିଛି ।ସି ହେଭୀ ମୋଲାସେସ (ତରଳ) ମାର୍ଗରେ ଉତ୍ପନ୍ନ ହେଉଥିବା ଇଥାନଲ ଦର ଲିଟର ପିଛା ୪୯.୪୧ ଟଙ୍କାରୁ ଲିଟର ପିଛା ୪୬.୬୬ ଟଙ୍କାକୁ ବୃଦ୍ଧି କରାଯାଇଛି । ବି ହେଭି ମୋଲାସେସ ମାର୍ଗରେ ଉତ୍ପନ୍ନ ଇଥାନଲ ଦର ଲିଟର ପିଛା ୫୯.୦୮ ଟଙ୍କାରୁ ଲିଟର ପିଛା ୬୦.୭୩ ଟଙ୍କାକୁ ବୃଦ୍ଧି କରାଯାଇଛି । ଆଖୁ ରସ/ଚିନି/ଚିନି ରସ ମାର୍ଗରେ ଉତ୍ପାଦିତ ହେଉଥିବା ଇଥାନଲ ଦର ଲିଟର ପିଛା ୬୩.୪୫ ଟଙ୍କାରୁ ଲିଟର ପିଛା ୬୫.୬୧ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ଅତିରିକ୍ତ, ଜିଏସଟି ଏବଂ ପରିବହନ ଶୁଳ୍କ ମଧ୍ୟ ଦେବାକୁ ପଡ଼ିବ ।ସବୁ ଡିଷ୍ଟିଲେରୀଗୁଡ଼ିକ ଏହି ଯୋଜନାର ଲାଭ ପାଇବା ଲାଗି ସକ୍ଷମ ହେବେ ଏବଂ ଏମାନଙ୍କ ମଧ୍ୟରୁ ଅଧିକାଂଶ ଇବିପି କାର୍ଯ୍ୟକ୍ରମର ପାଇଁ ଇଥାନଲ ଯୋଗାଣ କରିବେ ବୋଲି ଆଶା କରାଯାଉଛି । ଇଥାନଲ ଯୋଗାଣକାରୀମାନଙ୍କୁ ପାରିଶ୍ରମିକ ଦିଆଯିବା ପରେ ଆଖୁ ଚାଷୀଙ୍କ ବକେୟା ପାଉଣା ତୁରନ୍ତ ମିଳିପାରିବ ବୋଲି ଆଶା କରାଯାଉଛି । ଏହା ଆଖୁ ଚାଷୀଙ୍କ ସମସ୍ୟା ଦୂର କରିବାରେ ସହାୟକ ହେବ ।ସରକାର ଇଥାନଲ ମିଶ୍ରିତ ପେଟ୍ରୋ (ଇବିପି) କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି ଯେଉଁଥିରେ ଓଏମସି ବା ତୈଳ ବିପଣନ କମ୍ପାନୀଗୁଡ଼ିକ ପେଟ୍ରୋଲରେ ୧୦ ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ ମିଶ୍ରଣ କରୁଛନ୍ତି । ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ଶାସିତ ପ୍ରଦେଶ ଆଣ୍ଡାମାନ ନିକୋବାର ଏବଂ ଲାକ୍ଷାଦ୍ୱୀପକୁ ଛାଡ଼ି ଦେଲେ ସାରା ଭାରତରେ କାର୍ଯ୍ୟକାରୀ କରାଯାଉଛି । ବିକଳ୍ପ ଏବଂ ପରିବେଶ ଅନୁକୂଳ ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହନ କରିବା ଲାଗି ୧ ଏପ୍ରିଲ ୨୦୧୯ ଠାରୁ ଇବିପି କାର୍ଯ୍ୟକ୍ରମ ଲାଗୁ ହୋଇଛି । ଇନ୍ଧନ ଆବଶ୍ୟକତା ପୂରଣ ପାଇଁ ଆମଦାନୀ ଉପରେ ନିର୍ଭରଶୀଳତାକୁ କମାଇବା ଏବଂ କୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ଲାଗି ମଧ୍ୟ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।୨୦୧୪ ପରଠାରୁ ଇଥାନଲର ପ୍ରଶାସନିକ ମୂଲ୍ୟ ସଂକ୍ରାନ୍ତରେ ସରକାର ବିଜ୍ଞପ୍ତି ଜାରି କରିସାରିଛନ୍ତି । ୨୦୧୮ରେ ପ୍ରଥମ ଥର ପାଇଁ, ଇଥାନଲ ଉତ୍ପାଦନ ଲାଗି ଉପଯୋଗ କରାଯିବାକୁ ଥିବା ଫିଡଷ୍ଟକ୍ ଆଧାରରେ ଇଥାନଲର ଭିନ୍ନ ଭିନ୍ନ ମୂଲ୍ୟ ସରକାର ଘୋଷଣା କରିଥିଲେ । ଏହିସବୁ ନିଷ୍ପତ୍ତି ଇଥାନଲର ଯୋଗାଣରେ ଉଲ୍ଲେଖନୀୟ ସୁଧାର ଆଣିଥିଲା । ଏହାର ପରିଣାମସ୍ୱରୂପ, ତୈଳ ବିପଣନ କମ୍ପାନୀମାନେ ଅଧିକ ମାତ୍ରାରେ ଇଥାନଲ କିଣିଥିଲେ । ୨୦୧୩-୧୪ ଇଥାନଲ ଯୋଗାଣ ବର୍ଷରେ ଇଥାନଲ କ୍ରୟ ପରିମାଣ ୩୮ କୋଟି ଲିଟରରୁ ବୃଦ୍ଧି ପାଇ ବର୍ତ୍ତମାନ ୨୦୨୧-୨୨ ଇଥାନଲ ଯୋଗାଣ ବର୍ଷରେ ୪୫୨ କୋଟି ଲିଟରରେ ପହଞ୍ଚିଛି (ଇଏସଓ୍ୱାଇ – ବର୍ତ୍ତମାନ ଇଥାନଲ ଯୋଗାଣ ଅବଧି ଗୋଟିଏ ବର୍ଷର ଡିସେମ୍ବର ପହିଲା ଠାରୁ ଆରମ୍ଭ କରି ପରବର୍ତ୍ତୀ ବର୍ଷର ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଧରାଯାଉଥିଲା) । ସରକାର ନଭେମ୍ବର ୨୦୨୨ ସୁଦ୍ଧା ୧୦% ଇଥାନଲ ମିଶ୍ରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ, ଏହାର ବହୁ ପୂର୍ବରୁ ଜୁନ୍ ? ୨୦୨୨ରେ ଏହି ଲକ୍ଷ୍ୟ ହାସଲ କରାଯାଇ ପାରିଥିଲା । ଏହାଛଡ଼ା ସରକାର ୨୦୩୦ ସୁଦ୍ଧା ପେଟ୍ରୋଲରେ ୨୦% ଇଥାନଲ ମିଶ୍ରଣ ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ସେହି ନିର୍ଦ୍ଧାରିତ ଲକ୍ଷ୍ୟ ଅବଧିର ସୀମାକୁ ଏବେ ୨୦୨୫-୨୬ ଇଥାନଲ ଯୋଗାଣ ବର୍ଷକୁ କମାଇ ଦେଇଛନ୍ତି ଏବଂ ''ଭାରତରେ ଇଥାନଲ ମିଶ୍ରଣ ପାଇଁ ରୋଡମ୍ୟାପ ୨୦୨୦-୨୫''କୁ ସାର୍ବଜନୀନ କରାଯାଇଛି ।ନିକଟରେ ଗ୍ରହଣ କରାଯାଇଥିବା ଅନ୍ୟାନ୍ୟ ପଦକ୍ଷେପ ମଧ୍ୟରେ ସାମିଲ ରହିଛି : ଇଥାନଲ ଡିଷ୍ଟିଲେସନ କ୍ଷମତାକୁ ବାର୍ଷିକ ୯୨୩ କୋଟି ଲିଟରକୁ ବଢ଼ାଇବା; ଇଥାନଲ ଅଭାବ ଥିବା ରାଜ୍ୟରେ ବାର୍ଷିକ ୪୩୧ କୋଟି ଲିଟର କ୍ଷମତା ବିଶିଷ୍ଟ ଘରୋଇ ସଂସ୍ଥା ଦ୍ୱାରା ସମର୍ପିତ ଇଥାନଲ ପ୍ଲାଣ୍ଟ ପ୍ରତିଷ୍ଠା କରିବା ଲାଗି ଦୀର୍ଘକାଳୀନ ଅଫ-ଟେକ୍ ରାଜିନାମା, ଯାହାଦ୍ୱାରା ଆସନ୍ତା ବର୍ଷଗୁଡ଼ିକରେ ୨୫ ହଜାରରୁ ୩୦ ହଜାର କୋଟି ଟଙ୍କାର ନିବେଶ ଆସିବ ବୋଲି ଅନୁମାନ କରାଯାଉଛି, ରେଳବାଇ ଏବଂ ପାଇପଲାଇନ ଜରିଆରେ ଇଥାନଲ ଏବଂ ଇଥାନଲ ମିଶ୍ରିତ ପେଟ୍ରୋଲର ବହୁମୁଖି ପରିବହନ ବ୍ୟବସ୍ଥା । ଏସବୁ ପଦକ୍ଷେପ ବ୍ୟବସାୟିକ ସୁଗମତାକୁ ବଢ଼ାଇବା ସହିତ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲରେ ସହାୟକ ହୋଇପାରିବ ।ଇଥାନଲ ଉତ୍ପାଦନ ପାଇଁ ଚିନି ହସ୍ତାନ୍ତର କରିବା ଏବଂ ଚିନି ଆଧାରିତ କଞ୍ଚାମାଲ ଯୋଗାଇ ଦେବା ସମେତ ଆଖୁ ଚାଷୀଙ୍କ ବକେୟା ପରିଶୋଧ କରିବା ଲାଗି ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏବେ ଆଖୁ ରସ ଏବଂ ବି ହେଭୀ ମୋଲାସକୁ ଇଥାନଲରେ ପରିବର୍ତ୍ତନ କରାଯିବା କାରଣରୁ ଚିନି ଋତୁ ଆରମ୍ଭରୁ ବହୁ ପରିମାଣରେ ଇଥାନଲ ଉପଲବ୍ଧ ହୋଇପାରୁଛି । ସେହିପରି ଇଥାନଲ ଯୋଗାଣ ବର୍ଷର ଅବଧିକୁ ପୁନଃପରିଭାଷିତ କରିବା ଲାଗି ନିଷ୍ପତ୍ତି ନିଆଯାଇଛି । ଏଣିକି ଗୋଟିଏ ବର୍ଷର ୧ ନଭେମ୍ବରରୁ ପରବର୍ତ୍ତୀ ବର୍ଷ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଅବଧିକୁ ଇଥାନଲ ଯୋଗାଣ ବର୍ଷ ଭାବେ ଗ୍ରହଣ କରାଯିବ । ୨୦୨୩ ନଭେମ୍ବର ପହିଲା ପରଠାରୁ ଏହି ନିୟମ ଲାଗୁ ହେବ । ଆହୁରି, ଆଖୁର ଉଚିତ୍ ଏବଂ ଲାଭଜନକ ମୂଲ୍ୟ (ଏଫଆରପି) ଏବଂ ଚିନିର ଏକ୍ସ-ମିଲ୍ ମୂଲ୍ୟ ପରିବର୍ତ୍ତନ କରାଯାଇଥିବା କାରଣରୁ, ବିଭିନ୍ନ ଆଖୁ ଆଧାରିତ କଞ୍ଚାମାଲରୁ ଉତ୍ପାଦିତ ହେଉଥିବା ଇଥାନଲର ଦର ସଂଶୋଧନ କରିବାର ଆବଶ୍ୟକତା ଦେଖା ଦେଇଛି ।

### ଧବଳେଶ୍ୱରରେ ଏଲଇଡି ଜରିଆରେ ଭକ୍ତ ମାନଙ୍କ ପାଇଁ ହେବ ଦର୍ଶନ ବ୍ୟବସ୍ଥା

ଭୁବନେଶ୍ୱର, (ପି.ଏନ): ପବିତ୍ର ପଂଚୁକ ସମୟରେ ଦର୍ଶକ ମାନେ ଧବଳେଶ୍ୱରଙ୍କୁ ଭର୍ଚୁଆଲ ମାଧ୍ୟମରେ ଦର୍ଶନ କରିବେ ଭକ୍ତ । ପ୍ରଶାସନ ପକ୍ଷରୁ ସିଧାସଳଖ ନହେଲେ ମଧ୍ୟ ଏଲଇଡ୍ - ସ୍କ୍ରିନ୍ ରେ ବାବାଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି । କଟକ ଜିଲ୍ଲାପାଳ ପଞ୍ଚୁକରେ ଧବଳେଶ୍ୱରଙ୍କୁ ଶ୍ରଦ୍ଧାଳୁ ଭର୍ଚୁଆଲରେ ଦର୍ଶନ କରିପାରିବେ ବୋଲି ସୂଚନା ଦେଇଛନ୍ତି ।ଉଲ୍ଲେଖନୀୟ ଯେ ଝୁଲାପୋଲ ଦୁର୍ବଳ ଥିବାରୁ ପ୍ରଶାସନ ୧୪୪ ଧାରା ଧାରି କରିବା ସହ ଧବଳେଶ୍ୱର ପୀଠକୁ ଭକ୍ତ ପ୍ରବେଶ ଉପରେ କଟକଣା ଲଗାଯାଇଥିଲା । ଏହାକୁ ନେଇ ଭକ୍ତ ମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲା ।ଏଥିପାଇଁ ଆଜି କଟକ ଜିଲ୍ଲାପାଳ ଝୁଲାପୋଲ ବୁଲି ଦେଖିବା ସହ ସ୍ଥିତିର ସମୀକ୍ଷା କରିଛନ୍ତି । ଝୁଲାପୋଲରେ କଳଙ୍କୀ ଲାଗିଥିବା ସମସ୍ତ ସ୍ଥାନ ସହ ଫାଟକୁ ଜିଲ୍ଲାପାଳ ଦେଖିଥିଲେ । ଝୁଲାପୋଲର ମରାମତି କାମ ପାଇଁ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି । ଏହାସହ ଡଙ୍ଗା ଯୋଗେ ଶ୍ରଦ୍ଧାଳୁଙ୍କୁ ପାରି କରାଇବା ଆଦୌ ସମ୍ଭବ ନ ଥିବା କାରଣରୁ ଏଭଳି ବ୍ୟବସ୍ଥା କରାଯାଇଛି ।

### ୧୦ରେ ଓଡିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, (ପି.ଏନ): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆସନ୍ତା ୧୦ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ । ରାଷ୍ଟ୍ରପତି ହେବା ପରେ ଓଡିଶାକୁ ଶ୍ରୀମତୀ ମୁର୍ମୁଙ୍କର ଏହା ପ୍ରଥମ ଗସ୍ତ ହେବ ।ରାଜଭବନ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆସନ୍ତା ୧୦ତାରିଖ ଅପରାହ୍ନରେ ଭୁବନେଶ୍ୱରରେ ପହଂଚିବେ । ବିମାନ ବନ୍ଦରରେ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯିବା ପରେ ସେ ସେଠାରୁ ସିଧାସଳଖ ରାଜଭବନ ଯିବେ । ରାଜଭବନରେ ରାତ୍ରି ରହଣୀ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୧୧ତାରିଖ ସକାଳେ ପୁରୀ ଗସ୍ତରେ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ ।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।




## ଗେଙ୍ଗୁଟିଆ ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ଅନୟିମିତତା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ କମାଗଡ ପଂଚାୟତ ଗେଙ୍ଗୁଟିଆ ପାନୀୟ ଜଳ ପ୍ରକଳ୍ପରେ ଅନିୟମିତତା ହୋଇଥିବା ନେଇ ଲୋକାୟୁକ୍ତରେ ଅଭିଯୋଗ ପରେ ବିଭଗୀୟ ୩ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି । ସୂଚନା ମୁତାବକ କମାଗଡ ପଂଚାୟତ ଗେଙ୍ଗୁଟିଆଠାରେ ଡିଏମଏଫରୁ ୭୭ ଲକ୍ଷ ୫୭ ହଜାର ବ୍ୟୟରେ ଚଣ୍ଡିଖୋଲ ଆରଡବ୍ଲୁଏସଏସ ତରଫରୁ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରଯାଇଥିଲା । ଏହି କାର୍ଯ୍ୟ ୨୦୧୯ ମସିହା ଏପ୍ରିଲ ମାସରେ ଶେଷ ହୋଇଥିବା ନେଇ କାଗଜପତ୍ରରେ ଦର୍ଶାଯାଇଥିଲା । ବିଭାଗ ପକ୍ଷରୁ କାର୍ଯ୍ୟ ଶେଷ ହୋଇଥିବା ଦର୍ଶାଯାଇଥିଲେ ମଧ୍ୟ ଲୋକେ କିନ୍ତୁ ପାଣି ପାଇବାରୁ ବଂଚିତ ହୋଇଥିଲେ । ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲେ ହେଁ ଲୋକେ ପାଣି ଟୋପାଏ ପାଇବାରୁ ବଂଚିତ ହେବା ଘଟଣା ଜଣାପଡିବା ପରେ ଧର୍ମଶାଳା ଅଂଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ସୂଚନା ଅଧିକାର ଆଇନ ବଳରେ ଚଣ୍ଡିଖୋଲସ୍ଥିତ ଆରଡବ୍ଲୁଏସଏସ କାର୍ଯ୍ୟାଳୟରୁ ତଥ୍ୟ ମାଗିଥିଲେ । ତେବେ ଏଠାରେ ଠିକାଦାର ଆବଶ୍ୟକତାଠାରୁ କମ୍ ଟଙ୍କା ଖର୍ଚ୍ଚ କରି ଲୋକଙ୍କ ପାଖରେ ପାଣି ନ ପହଂଚାଇ ବିଭାଗୀୟ ଅଧିକାରୀଙ୍କ ସହ ସଲାସୁତୁରା କରି ବିଲ ଟଙ୍କା ଉଠାଇ ନେଇଥିଲେ । ଏହି ଘଟଣା ଜଣାପଡିବା ପରେ ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରିଆ ଲୋକାୟୁକ୍ତ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ଲୋକାୟୁକ୍ତ ଏହି ଘଟଣାର ତଦନ୍ତ ପାଇଁ ଏକ ଟିମ୍‌କୁ ସେଠାକୁ ପଠାଇଥିଲେ। ଲୋକୟୁକ୍ତଙ୍କ ଟିମ ଗେଙ୍ଗୁଟିଆ ପାନୀୟ ଜଳ ପ୍ରକଳ୍ପଠାରେ ପହଁଚି ଏହାର ତଦନ୍ତ କରିବା ସହ ଆରଡବ୍ଲ୍ୟୁଏସଏସ କାର୍ଯ୍ୟାଳୟରେ ପହଁଚି ତଦନ୍ତ କରିଥିଲେ ଏବଂ ସବିଶେଷ ତଥ୍ୟ ଲୋକାୟୁକ୍ତଙ୍କୁ ହସ୍ତାନ୍ତର କରିଥିଲେ। ତେବେ ଏଠାରେ ଏକ ବଡଧରଣର ଦୁର୍ନୀତି ହୋଇଥିବା ଲୋକାୟୁକ୍ତ ଅନୁଭବ କରିବା ସହିତ ତତ୍‌କାଳିନ ଚଣ୍ଡିଖୋଲ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଅମୀୟ କୁମାର ପରିଡା, ତତ୍‌କାଳିନ ସହକାରୀ ଯନ୍ତ୍ରୀ ସୁକ୍ତା ସଏ ଓ ଡିଭିଜନର ତତକାଳିନ ଆକାଉଂଟାଂଟ ଲାଲକ୍ରିଷ୍ଣା ବସ୍ତିଆଙ୍କୁ ଲୋକାୟୁକ୍ତରେ ହାଜିର ହୋଇ କାରଣ ଦର୍ଶାଇବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି, ଯାହାକୁ ନେଇ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ଶ୍ରୀକ୍ଷେତ୍ରରୁ ତୁଳସୀ କ୍ଷେତ୍ରକୁ ଆସିଲା ପାଟଶାଢୀ



କେନ୍ଦ୍ରାପଡ଼ା (ପିଏନ୍): ପ୍ରତିବର୍ଷପରି ଚଳିତବର୍ଷ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଖରୁ ତୁଳସୀକ୍ଷେତ୍ରାଧିପତି ବଡଭାଇ ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ତିନିଖଣ୍ଡ ପାଟଶାଢୀ ଆସିଛି । ଶ୍ରୀକ୍ଷେତ୍ରରୁ ସ୍ୱତନ୍ତ୍ର ପଦାଧିକାରୀ ସରୋଜ କୁମାର ରାଏ, ନାଜିର ବିମଳ କୁମାର ତାମିଲା ଓ ଡିଇଓ ସତ୍ୟନାରାୟଣ ପାତ୍ର ପ୍ରଭୁ ଶ୍ରୀ ବଳଦେବଜୀଉ, ଭଉଣୀ ମା' ସୁଭଦ୍ରା ଓ ଅନୁଜ ଶ୍ରୀଜଗନ୍ନାଥଙ୍କ ପାଇଁ ତିନିଖଣ୍ଡ ପାଟଶାଢୀ ଆଣି ଶ୍ରୀ ବଳଦେବ ଜୀଉଙ୍କ ଦେବୋତ୍ତର କାର୍ଯ୍ୟାଳୟରେ ପହ□ିଥିଲେ । ସନ୍ଧ୍ୟା ଆଳତୀ ପରେ ଏହି ତିନିଖଣ୍ଡ ପାଟଶାଢୀକୁ ନେଇ ଡିଇଓ ଶ୍ରୀ ପାତ୍ର ଶ୍ରୀ ଜୀଉଙ୍କ ବଡଦେଉଳରେ ମନ୍ଦିରର ବଡପଣ୍ଡା ମାଧବ ଚନ୍ଦ୍ର ପତ୍ରୀଙ୍କୁ ପ୍ରଦାନ କରିଥିଲେ । ଶ୍ରୀ ଜୀଉଙ୍କ ଦେବୋତ୍ତର କାର୍ଯ୍ୟାଳୟ ଠାରୁ ଏକ ରୂପାଥାଳିରେ ପାଟଶାଢିକୁ ସୁସଜ୍ଜିତ କରି ରଖାଯାଇ ପାରମ୍ପରିକ ଭାବେ କୀର୍ତ୍ତନ ମଣ୍ଡଳୀ, ଘଣ୍ଟ, ଘଣ୍ଟା ଓ ଶଙ୍ଖ ଧ୍ୱନି ସହ ଆଧ୍ୟାତ୍ମିକ ପରିବେଶରେ ପଟୁଆରରେ ଶ୍ରୀ ଜୀଉଙ୍କ ବଡଦେଉଳ ମଧ୍ୟକୁ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦେବୋତ୍ତର ନ୍ୟାସ ମଣ୍ଡଳୀ ସଭ୍ୟ ବଳରାମ ସୁଆର, ରଞ୍ଜନ କୁମାର ପୃଷ୍ଟି, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁ, ମନ୍ଦିର ସୁପର ଭାଇଜର ନୃସିଂହ ଚରଣ ପତ୍ରୀ ଏବଂ ଅନ୍ୟ ସେବାୟତମାନେ ଉପସ୍ଥିତ ଥିଲେ । ପୁରାଣ ଅନୁଯାୟୀ ଦ୍ୱାପର ଯୁଗରେ ବଡଭାଇ ବଳରାମ ଓ ସାନଭାଇ ଶ୍ରୀକୃଷ୍ଣ(ଜଗନ୍ନାଥ)ଗୋପାଳ ବାଳକମାନଙ୍କ ସହିତ ଖେଳୁଥିବା ସମୟରେ କଂସ ମହାରାଜଙ୍କ ଦ୍ୱାରା ପ୍ରେରିତ ପ୍ରଲମ୍ବା ନାମକ ଦୁର୍ଦ୍ଦାନ୍ତ ଅସୁର ଚକ୍ରାନ୍ତ କରି ବଳରାମଙ୍କୁ କାନ୍ଧରେ ବସାଇ ମାରିଦେବାକୁ ନେଉଥିଲା । ମାତ୍ର ବଳରାମ ଏହାକୁ ଜାଣିପାରି ଅସୁର ପ୍ରଲମ୍ବା ମୁଣ୍ଡରେ ପ୍ରଚଣ୍ଡ ମୁଷ୍ଟି ଆଘାତ କରି ତାକୁ ସଂହାର କରିଥିଲେ । ଅସୁର ମରିବା ଦେଖି ଅତି ଆନନ୍ଦିତ ହୋଇ ସାନଭାଇ ଶ୍ରୀକୃଷ୍ଣ ଜ୍ୟେଷ୍ଠଭ୍ରାତା ବଳରାମଙ୍କ ମସ୍ତକରେ ନିଜ ପାଟ ଉତ୍ତରୀୟ ବାନ୍ଧି ଦେଇଥିଲେ । ଏହି ପରମ୍ପରା ପୌରାଣିକ କଥାକୁ ନେଇ ସାନଭାଇ ଜଗନ୍ନାଥ (ଶ୍ରୀକୃଷ୍ଣ) ପ୍ରତିବର୍ଷ ଘନନୀଳ, ପୀତ ଓ ରକ୍ତ ବର୍ଣ୍ଣର ପାଟ ପ୍ରଲମ୍ବାସୁର ବଧ ବେଶପାଇଁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତୁଳସୀ କ୍ଷେତ୍ରର କ୍ଷେତ୍ରାଧିପତିଙ୍କ ପାଖକୁ ପଠାଇଥାନ୍ତି । କାର୍ତ୍ତିକ ମାସଏକାଦଶୀ (ଶୁକ୍ଳ ପକ୍ଷ) ଦିନ ମହାପ୍ରଭୁ ଶ୍ରୀ ବଳଦେବ ଏହି ପାଟ ପିନ୍ଧି ପ୍ରଲମ୍ବାସୁର ବଧ ବେଶରେ ସଜ୍ଜିତ ହୋଇଥାନ୍ତି ।

## ଜିଲ୍ଲା ଅଧ୍ୟକ୍ଷାଙ୍କ ଜାରକା ଇନରହୁଇଲ କ୍ଲବ ପରିଦର୍ଶନ ଓ ଅସ୍ମିତା ଉନ୍ମୋଚିତ




ଧର୍ମଶାଳା (ପିଏନ୍): ସମାଜକୁ ସଠିକ ମାର୍ଗରେ ପରିଚାଳିତ କରିବା ଦିଗରେ ମହିଳାମାନଙ୍କର ଗୁରୁ ଦାୟିତ୍ୱ ରହିଛି । ସେବା ଓ ସଚେତନତା କରିବା ଦିଗରେ ଇନରହୁଲ କ୍ଲବ ଜାରକା ସଦସ୍ୟାଙ୍କ ଭୂମିକାରେ ସନ୍ତୋଷ ପ୍ରକାଶ କରି ଡିଷ୍ଟିକ୍ଟ ଚେୟାରମ୍ୟାନ ଟି. ଚିରିଭି ଅଫିସିଆଲ ଭିଜିଟରେ ଆସି ମତପ୍ରକଶ କରିଥିଲେ । ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଗତକାଲି ସନ୍ଧ୍ୟାରେ ଜାରକା ଇନରହୁଇଲ କ୍ଲବ ପକ୍ଷରୁ ଆୟୋଜିତ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଇନରହୁଇଲର ସଦସ୍ୟା ଅରୁଣାରଶ୍ମୀ ସମଲଙ୍କ ସମ୍ପାଦନାରେ କ୍ଲବର ମୁଖପତ୍ର 'ଅସ୍ମିତା' ପତ୍ରିକାକୁ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ଉନ୍ମୋଚନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବର ସଭାପତି ଶୁଭଲକ୍ଷ୍ମୀ କର ସ୍ୱାଗତ ଭାଷଣ ଦେବା ସହ ଅଧ୍ୟକ୍ଷତା କରିଥିଲେ । ସମ୍ପାଦିକା ବିଶ୍ୱମିତ୍ରା ସାହୁ କ୍ଲବର କାର୍ଯ୍ୟାବଳି ବିବରଣୀ ପାଠ କରିଥିଲେ । ଆଇ.ପି.ପି. ରଶ୍ମିତା ନାୟକ ସୂଚନା ଦେଇଥିବା ବେଳେ ପୂର୍ବତନ ସମ୍ପାଦିକା ଅର୍ଚ୍ଚନା ସ୍ୱାଇଁ, ଡ. ଇନ୍ଦୁପ୍ରଭା ସାମଲ, ଉପାସନା ଶତପଥୀ ମଂଚାସୀନ ଥିଲେ । ଚାର୍ଟର ସଭାପତି ମିନତୀ ସାହୁ ଇନରହୁଇଲ ପ୍ରାର୍ଥନା ଗାନ କରିଥିଲେ । ପି.ପି ମାଧୁରୀ ଶତପଥୀ, ସକୁନ୍ତଳା ମହାନ୍ତି, କଳ୍ପନା ପରିଡା, ପ୍ରତିଭା ସାହୁ ଓ ଲୋପାମୁଦ୍ରା ଷଣ୍ଢ, କଳ୍ପନା ନାୟକ, ପ୍ରଭାତ ନଳିନି ସାହୁ, ସରୋଜିନୀ ପଣ୍ଡା, ନିରୁପମା ସ୍ୱାଇଁ, କାଦମ୍ବିନୀ ମିଶ୍ର, ଅଜନ୍ତା ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ଓ ପିଡିସି ନଳିନିପ୍ରଭା ମହାପାତ୍ରଙ୍କୁ କ୍ଲବ ପକ୍ଷରୁ ବୁଦ୍ଧମୂର୍ତ୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ରୋଟାରି ସଭାପତି ପ୍ରମୋଦ କୁମାର ସାମଲ, ସମ୍ପାଦକ ଶୁକାନ୍ତ ସ୍ୱାଇଁ, ପି.ପି. ପ୍ରଦୀପ କୁମାର ବରାଳ, ଡା. ବିଜୟ କୁମାର ଶତପଥୀ, ଅଜାମ୍ବର ସାହୁ, ନିରଂଜନ ପାଣିଗ୍ରାହୀ, ରୋଟାରୀ କ୍ଲବର ଆଗାମୀ ସଭାପତି ଇଂ. ବିପିନ ଷଡଙ୍ଗୀ, ଇନ୍ଦ୍ରମଣି ନାୟକ, ବିନୋଦ ପରିଡା ଓ କଳାକର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଉପ-ସଭାନେତ୍ରୀ ଉପାସନା ଶତପଥୀ ଧନ୍ୟବାଦ ଦେଇଥିଲେ।

## ଅଜଣା ଗାଡି ଧକ୍କାରେ ମୋପେଡ ଅରୋହୀ ଗୁରୁତର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଗାନ୍ଧି ଛକଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୋପେଡ ଆରୋହୀ ଗୁରୁତର ହୋଇଥିବା ଜଣାପଡିଛି । ସୂଚନା ମୁତାବକ ନୟାଗଡ ଅଂଚଳର ଫେରି ବ୍ୟବସାୟୀ ଚିତରଂଜନ ମଲିକ (୫୧) ଚଣ୍ଡିଖୋଲ ଅଂଚଳରେ ରହି ଫେରି ବ୍ୟବସାୟ କରନ୍ତି । ଗତକାଲି ସେ ନିଜର ମୋପେଡ ନଂ ଏମପି-୩୪-ଏମଏମ-୦୨୬୫ ଗାଡିରେ ଫେରି ଜିନିଷ ବୋଝେଇ କରି ବିକ୍ରି କରିବାକୁ ଯାଇଥିବା ବେଳେ ଗାନ୍ଧି ଛକଠାରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀମାନେ ସେଠାରେ ପହଁଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଡଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ତାଙ୍କର ଗୋଡ ଭାଙ୍ଗିଯାଇଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

## ସ୍ଥାୟୀ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ସଂଘର ଦାବିପତ୍ର

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ସଂଘର ଏକ ବୈଠକ ସାଧାରଣ ସମ୍ପାଦକ ସୁଧୀର କୁମାର ସେଠୀଙ୍କ ଆହ୍ୱାନକ୍ରମେ ଭୁବନେଶ୍ୱର ଆଇଜି ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସମସ୍ତ ୫୨ଟି ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀ ଯୋଗ ଦେଇଥିଲେ। ବୈଠକପରେ ୫୨ଟି ସ୍ୱତନ୍ତ୍ର ବିଦ୍ୟାଳୟରୁ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ କରି ନିୟମିତଭାବେ ଦରମା ପ୍ରଦାନ କରିବା ଏବଂ କର୍ମଚାରୀଙ୍କ ଚାକିରି ନିୟମିତ କରି ସରକାରୀ ମାନ୍ୟତା ଦେବା ଆଦି ୨ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ବିଭାଗୀୟ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ମୁଖ୍ୟ ପରାମର୍ଶଦାତା ପ୍ରଦ୍ୟୁମ୍ନ କୁମାର ଦାଶ, ସଭାପତି ସୁଶାନ୍ତ କୁମାର ମଲ୍ଲିକ, ରାଜ୍ୟ ସଂଯୋଜକ ବାନାମ୍ବର ନାୟକ, ସଂଘ ସମୀକ୍ଷକ ସଚ୍ଚିଦାନନ୍ଦ ବେହେରାଙ୍କ ସମେତ ପ୍ରତ୍ୟେକ ଜିଲାର ଜିଲା ସଂଯୋଜକଙ୍କ ସମେତ ୩୦୦ କର୍ମଚାରୀ ଯୋଗ ଦେଇଥିଲେ। ଉକ୍ତ ଦାବି ପ୍ରତି ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବ ଗୁରୁତ୍ୱ ଦେବେ ବୋଲି ସଂଘ ଆଶାବାଦୀ ଥିବା ସାଧାରଣ ସମ୍ପାଦକ ସେଠୀ ପ୍ରକାଶ କରିଛନ୍ତି।

## ଚକ୍ରଧରପୁର ସମିତିସଭ୍ୟ ଉପନିର୍ବାଚନ: ୪ ପ୍ରାର୍ଥୀଙ୍କ ମଧ୍ୟରେ ହେଉଛି ମୁକାବିଲା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ପ□ାୟତର ସମିତିସଭ୍ୟ ପଦବୀ ନିମନ୍ତେ ନଭେମ୍ବର ୪ ତାରିଖରେ ଉପନିର୍ବାଚନ ହେବ । ଏନେଇ ସମସ୍ତ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ସକାଳ ୭ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ । ୨୫୪୯ ଜଣ ଭୋଟର ୪ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ୧୩୦୫ ଜଣ ପୁରୁଷ ଓ ୧୨୪୪ଜଣ ମହିଳା ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ । ପ୍ରାର୍ଥୀ ହୋଇଥିବା ସୌମ୍ୟରଂଜନ ସାହୁ, କିଶାନ ପୁର୍ତି, ଗୋପବନ୍ଧୁ ସିଂ ଓ ବିଭୂତି ଭୂଷଣ ଜେନାମଣିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ଗତକାଲି ସଂଧ୍ୟାରେ ପ୍ରଚାର ଶେଷ ହୋଇଛି । ପ□ାୟତ ସମିତି ଅଧ୍ୟକ୍ଷ ନିର୍ବାଚନ ସରିଥିବାରୁ ଏହି ସମିତିସଭ୍ୟ ଉପନିର୍ବାଚନରେ ସେଭଳି ରାଜନୈତିକ ଉଷ୍ମତା ଦେଖିବାକୁ ମିଳୁନାହିଁ । ମୋଟ ୧୧ଟି ଭୋଟ୍ ଗ୍ରହଣ କେନ୍ଦ୍ର ହୋଇଛି । ଏଥିପାଇଁ ୧୧ଟି ପୁଲିଂ ପାର୍ଟି ଗଠନ କରାଯାଇଛି । ଗୋଟିଏ ପୁଲିଂ ପାର୍ଟିକୁ ରିଜର୍ଭ ରଖାଯାଇଛି । ଆଜି ସଂଧ୍ୟାସୁଦ୍ଧା ଆବଶ୍ୟକ କାଗଜପତ୍ର ଓ ସାମଗ୍ରୀ ନେଇ ପୁଲିଂ ପାର୍ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ ପହ□ିବେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ଟି ପୁଲିସ୍ ପାଟ୍ରୋଲିଂ ଟିମ୍ ନିୟୋଜିତ ହୋଇଥିବା ଜେନାପୁର ଥାନାଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ପ□ାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ କୁମାରୀ ଓ ଚକ୍ରଧରପୁର ପ□ାୟତ ସମିତିସଭ୍ୟ ଭାବେ ଗତ ପ□ାୟତ ନିର୍ବାଚନରେ ବିଜୟୀ ହୋଇଥିଲେ । ଗତ ମାର୍ଚ୍ଚ ୭ ତାରିଖରେ ସେ ଚକ୍ରଧରପୁର ପ□ାୟତ ସମିତିସଭ୍ୟ ପଦବୀରୁ ଇସ୍ତଫା ଦେଇଥିଲେ । ୭ ମାସ ହେଲା ଏହି ପଦବୀ ଖାଲି ପଡ଼ିଥିଲା । କଡ଼ା ସୁରକ୍ଷା ମଧ୍ୟରେ ୫ ତାରିଖରେ ବ୍ଲକ କାର୍ଯ୍ୟାଳୟରେ ଭୋଟ୍ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ ବୋଲି ବିଭାଗୀୟ କର୍ମଚାରୀ ରତିକାନ୍ତ ଜେନା ସୂଚନା ଦେଇଛନ୍ତି । ସେହିପରି ପଟୁଣିଆ ପ□ାୟତ ୫ ନମ୍ବର ୱାର୍ଡସଭ୍ୟ ପଦବୀ ପାଇଁ ଜଣେ ମାତ୍ର ପ୍ରାର୍ଥୀ ଯଶୋଦା ନାୟକ ନାମାଙ୍କନ ଦାଖଲ କରିଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି ।

## ମାଡପିଟ ଘଟଣାରେ ଦୁଇଜଣ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମରେ ଦୁଇଟି ପରିବାର ମଧ୍ୟରେ ଗଣ୍ଡଗୋଳ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି । ସୂଚନା ମୁତାବକ କବାଟବନ୍ଧ ଗ୍ରାମର ଅକ୍ଷୟ ବେହେରା ଓ ବଳରାମ ବାଇଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ଘଟିଥିଲା । ଏଥିରେ ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଏହାକୁ ନେଇ ଉଭୟଙ୍କ ପତ୍ନୀ କାମଦେବ ବାଇ ଓ ମୁଲତା ବେହେରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ୨୯୬/୨୨ ଓ ୨୯୭/୨୨ରେ ଦୁଇଟି କେଶ ରୁଜୁ କରି ତଦନ୍ତ କରି ଅକ୍ଷୟ ବେହେରା ଓ ବଳରାମ ବାଇଙ୍କୁ ଗିରଫ କରିବା ସହ ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଧର୍ମଶାଳା (ପିଏନ୍): ଜେନାପୁର ଥାନା ମର୍ଜିତାପୁର ପ□ାୟତ ଚମ୍ପିତ୍ରାପାଟଣା ଗ୍ରାମର କେଲୁ ଚରଣ ପ୍ରଧାନଙ୍କ ପୁଅ ସୁଶାନ୍ତ (୨୧)ଙ୍କର ଝୁଲନ୍ତା ମୃତଦେହ ଗତକାଲି ଉଦ୍ଧାର ହୋଇଛି । କୌଣସି କାରଣକୁ ନେଇ ସେ ବେକରେ ରଶି ଲଗାଇ ଝୁଲି ପଡ଼ିଥିଲେ । ସଂଧ୍ୟାରେ ପରିବାର ଲୋକ ତାଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଏ ସଂପର୍କରେ ଅଭିଯୋଗ ହୋଇନଥିବା ଆଇଆଇସି ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଧାନଜମିରେ ଟଳି ପଡ଼ିଲେ ଚାଷୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଚୋରମୁହାଁ ପ□ାୟତ ନାଉପାଳ ଗ୍ରାମର ଚାଷୀ ଭୀମସେନ ରାଉତ( ୫୩)ଙ୍କର ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି। ମଧ୍ୟାହ୍ଣରେ ସେ ଗାଁ ନିକଟ ଧାନଜମିକୁ କାମ କରିବା ପାଇଁ ଯାଇଥିଲେ । ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ଯାଇ ଦେଖନ୍ତି ତ' ସେ ଧାନଜମିରେ ଥିବା ପାଣିରେ ପଡ଼ିଛନ୍ତି । ତୁରନ୍ତ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୁଲିସ୍ ମୃତଦେହକୁ ଜବତ କରିଛି । ମୃତ୍ୟୁର କାରଣ ସ୍ପଷ୍ଟ ହେଉନଥିବାରୁ ଶବ ବ୍ୟବଚ୍ଛେଦ ନିମନ୍ତେ ବଡ଼ଚଣା ଡାକ୍ତରଖାନାକୁ ପଠାଯିବ ବୋଲି ଜଣାପଡ଼ିଛି ।

## ଖୋର୍ଦ୍ଧା ରୋଟାରୀ କ୍ଲବର ମହନୀୟତା

ଖୋର୍ଦ୍ଧା (ପିଏନ୍): ଦୁର୍ଘଟଣାରେ ଆହତ ହୋଇ ଖୋର୍ଦ୍ଧା ମେଡିକାଲକୁ ଚିକିତ୍ସା ପାଇଁ ଆସିଥିବା ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ପରେ ମୃତଦେହକୁ ପୁଲିସ ସେଠାରୁ ଜବତ କରିଥିବାବେଳେ ଗତକାଲି ତାଙ୍କର ଶବକୁ ରୋଟାରୀ କ୍ଲବ ସଦସ୍ୟଙ୍କ ଦ୍ୱାରା ସତ୍କାର କରାଯାଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ, ଗତ ୨୬ ତାରିଖରେ ଭୋର ସମୟରେ ଜଟଣୀ-ଡେଲାଙ୍ଗ ସଂଯୋଗୀକରଣ ରାସ୍ତା ପାର୍ଶ୍ୱରୁ ଜନୈକ ବ୍ୟକ୍ତିଙ୍କୁ ମୁମୂର୍ଷୁ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଥିଲେ । ତେବେ ଉକ୍ତ ବ୍ୟକ୍ତିଙ୍କର ପରିଚୟ ମିଳିନଥିବାରୁ ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ମେଡିକାଲ ଶବଗୃହରେ ତାଙ୍କ ଶବକୁ ସୁରକ୍ଷିତ ଭାବେ ୫ଦିନ ରଖିଲା ପରେ ରବିବାର ତାଙ୍କ ଶବ ବ୍ୟବଚ୍ଛେଦ କରାଇ ପୁଣି ଦୁଇଦିନ ପାଇଁ ଫ୍ରିଜରରେ ରଖିଥିଲେ । ଏ ସମ୍ପର୍କରେ ପୁଲିସ ଉକ୍ତ ବ୍ୟକ୍ତିଙ୍କ ଫଟୋକୁ ବିଭିନ୍ନ ଥାନା ଓ ସୋସିଆଲ ମିଡିଆରେ ଛାଡିଥିଲେ ମଧ କିଛି ସୁଫଳ ମିଳିନଥିଲା । ତେଣୁ ଶେଷରେ ତାଙ୍କ ଶବର ସତ୍କାର ଲାଗି ପୁଲିସ ଯୋଜନା କରୁଥିବାବେଳେ ଖୋର୍ଦ୍ଧା ରୋଟାରୀ କ୍ଲବର ସଦସ୍ୟମାନେ ଏନେଇ ଆଗକୁ ଆସିଥିଲେ । କ୍ଲବର ସଭାପତି ତଥା ଖୋର୍ଦ୍ଧା ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି (ଟିଟନ), ସମ୍ପାଦକ ତଥା ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ରୁଦ୍ରନାଥ ଦତ (ଦାଉ), ଶବ୍ୟସାଚୀ ଚକ୍ରବର୍ତ୍ତୀ (ପିଂଟୁ), ସଞ୍ଜୟ ବର୍ମନ (ମିଲୁ), ରୋଟାରିଆନ୍ ଦେବପ୍ରସାଦ ମଜୁମଦାର, କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟ/ସଦସ୍ୟାମାନେ ଆଦର୍ଶଥାନା ଅଧିକାରୀ ତାରିକ ଅହମ୍ମଦ, ଏସଆଇ ପଦ୍ମଲୋଚନ ବେହେରା, ତଦନ୍ତକାରୀ ଅଧିକାରୀ ମନୋଜ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ଉକ୍ତ ବ୍ୟକ୍ତିଙ୍କ ଶବକୁ ସତ୍କାର କରିଥିବା ଜଣାଯାଇଛି । ପ୍ରକାଶ ଥାଉକି, ସପ୍ତାହ ମଧରେ ଦୁଇଟି ଅଜଣା ବ୍ୟକ୍ତିଙ୍କ ଶବ ସତ୍କାର କରିଥିବା କ୍ଲବ ସଦସ୍ୟଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।




ଭିଜିଲାନ୍ସ ସଚେତନତା ସପ୍ତାହ ଉପଲକ୍ଷେ ସୁବଳ ମହାରଣାଙ୍କ ବାଲୁକା କଳା।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜଳସାଥୀ ମାନଙ୍କ ଯାତାୟତର ସୁବିଧା ପାଇଁ ସେମାନଙ୍କୁ ସାଇକେଲ ପ୍ରଦାନ କରାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ) : ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକସେବା ଭବନସ୍ଥିତ କନ୍‌ଭେନ ସେଂଟରରେ ଜଳସାଥୀ ମାନଙ୍କ ପାଇଁ ଆୟୋଜିତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ଯୋଗଦେଇ ସେମାନଙ୍କ ଯାତାୟତର ସୁବିଧା ପାଇଁ ସାଇକେଲ ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି ।ଜଳସାଥୀ ମାନେ ସରକାରଙ୍କ ଜଳଯୋଗାଣ ବିଭାଗ ଓ ଉପଭୋକ୍ତାମାନଙ୍କ ମଧ୍ୟରେ ସେତୁ ସାଜି ଉଭୟଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି । ସେମାନଙ୍କ କାର୍ଯ୍ୟ ଦକ୍ଷତା ଦ୍ୱାରା ଜଳଯୋଗାଣର ଗୁଣବତା ଓ ନିର୍ଭରଶୀଳତା ପ୍ରତିପାଦିତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ଯେ ସହରାଂଚଳ ପାନୀୟ ଜଳ ଯୋଗାଣ ଓ ୱାଟର ଟ୍ରିଟମେଂଟ ପ୍ଲାଂଟ କାର୍ଯ୍ୟକ୍ରମରେ ମିଶନ ଶକ୍ତିର ମା ଏବଂ ତୃତୀୟ ଲିଙ୍ଗର ଭଉଣୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି । ସେମାନେ ମିଟର ରିଡିଂ, ଜଳର ମାନ ପରୀକ୍ଷା, ନୂତନ ସଂଯୋଗ ଓ ବେନିୟମ ସଂଯୋଗ ଦୂର କରିବା କ୍ଷେତ୍ରରେ କାମ କରୁଛନ୍ତି । ଏଥିପାଇଁ ସେମାନଙ୍କୁ ତାଲିମ ଦିଆଯାଇଛି ।ବିକେନ୍ଦ୍ରୀକରଣ ଓ ଜନ ଭାଗିଦାରୀ ରାଜ୍ୟ ସରକାରଙ୍କ ସହରାଂଚଳ ପରିଚାଳନା ମଡେଲର ଦୁଇ ଆଖି ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଳସାଥୀ ମାନେ ଏହି ଉଭୟ ଆଖିକୁ ପ୍ରତିନିଧିତ୍ୱ କରୁଛନ୍ତି । ୩ ବର୍ଷ ତଳେ ୫-ଟି ଉପକ୍ରମରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆଜି ସାରା ଓଡିଶାର ସହରାଂଚଳରେ ଜଳସାଥୀ ମାନେ ଜଳଯୋଗାଣ କାର୍ଯ୍ୟକ୍ରମକୁ ସଫଳତାର ପରିଚାଳନା କରୁଛନ୍ତି ବୋଲି ସେ କହିଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ୧୧୪ଟି ସହରରୁ ୮୫ଟି ସହରରେ ଶତପ୍ରତିଶତ ପାଇପ ଜଳଯୋଗାଣର ବ୍ୟବସ୍ଥା କରାଯାଇପାରିଛି । ବର୍ତମାନ ସୁଦ୍ଧା ରାଜ୍ୟରେ ୭୪୦ ଜଣ ଜଳସାଥୀ ୮.୪୦ ଲକ୍ଷ ଉପଭୋକ୍ତାଙ୍କ ଜଳଯୋଗାଣ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ଏବଂ ଏ ବାବଦରେ ୬୭ କୋଟି ଟଙ୍କା ଜଳକର ଆଦାୟ କରିପାରିଛନ୍ତି । ସେମାନଙ୍କ ଦ୍ୱାରା ମିଟର ରିଡିଂ, ଜଳକର ଆଦାୟ ଓ ବେନିୟମ ପାଇପ ସଂଯୋଗ ଦୂର କରିବା କାର୍ଯ୍ୟରେ ବହୁତ ଉନ୍ନତି ଆସିଛି ବୋଲି ସେ କହିଥିଲେ ।ଜଳସାଥୀ କାର୍ଯ୍ୟକ୍ରମ ସଫଳତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମିଶନ ଶକ୍ତି ଗୋଷ୍ଠୀଙ୍କୁ ସମ୍ପତି କର ଆଦାୟ କରିବା ପାଇଁ ନିଷ୍ପତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହାଦ୍ୱାରା ସହରାଂଚଳରେ ରାଜସ୍ୱ ବୃଦ୍ଧି ହେବା ସହିତ ମିଶନ ଶକ୍ତି ମା ମାନଙ୍କର ଆର୍ଥିକ ଅଭିବୃଦ୍ଧି ସହିତ ସଶକ୍ତିକରଣ ହୋଇପାରିବ ବୋଲି ସେ କହିଛନ୍ତି । ଡ୍ରିଙ୍କ ଫ୍ରମ ଟ୍ୟାପ୍ ଓ ଜଳସାଥୀ କାର୍ଯ୍ୟକ୍ରମକୁ ଜାତୀୟ ସ୍ତରରେ ପ୍ରାଥମିକତା ଦିଆଯାଇ ଅମୃତ ୨.୦ କାର୍ଯ୍ୟକ୍ରମରେ ସବୁ ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜାଗା ମିଶନ ଓ ଡ୍ରିଙ୍କ ଫ୍ରମ ଟ୍ୟାପ୍ ପରି କାର୍ଯ୍ୟକ୍ରମ ଓଡିଶାର ସହରାଂଚଳ ପାଇଁ ଏକ ସଫଳତାର କାହାଣୀ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଳସାଥୀ ପରି ଜନଭାଗିଦାରୀ କାର୍ଯ୍ୟକ୍ରମ ବିନା ଏହା ସଫଳ ହୋଇପାରି ନଥାନ୍ତା ।ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ କହିଲେ ଯେ ମା ମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଆଜି ସଫଳତାର ସହ କାର୍ଯ୍ୟକାରୀ ହୋଇଛି । ମହିଳା ସଶକ୍ତିକରଣ ଦିଗରେ ଏହା ଏକ ଅନନ୍ୟ ଉଦାହରଣ ବୋଲି ସେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାତନନ ସ୍ୱାଗତ ଭାଷଣ ଦେଇ କହିଲେ ଯେ ରାଜ୍ୟର ସହରାଂଚଳର ୯୭ ଭାଗ ଲୋକ ଏବେ ପାଇପ ଜଳ ପାଇପାରୁଛନ୍ତି । ରାଜ୍ୟର ୮୫ଟି ସହରରେ ଶତପ୍ରତିଶତ ପାଇପ ଜଳଯୋଗାଣ ହୋଇଥିବା ବେଳେ, ବାକି ୨୦ଟି ସହରରେ ଡିସେମ୍ବର ୨୦୨୩ ସୁଦ୍ଧା ପାଇପ ଜଳର ବ୍ୟବସ୍ଥା ସଂପୂର୍ଣ୍ଣ ହେବ ବୋଲି ସେ କହିଥିଲେ ।ବିଭାଗୀୟ ସ୍ୱତନ୍ତ୍ର ସଚିବ ଶ୍ରୀମତୀ ସାଗରିକା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେଡିର ଫେକ୍ ଅଡିଓ ଭାଇରାଲ ପ୍ରସଙ୍ଗରେ ସିଇଓଙ୍କୁ ଅଭିଯୋଗ ପତ୍ର ଦେଲା ବିଜେପି

ଭୁବନେଶ୍ୱର,(ପି.ଏନ): ଧାମନଗର ଉପନିର୍ବାଚନ ଜିତିବା ଲାଗି ବିଜୁ ଜନତା ଦଳ ଏବେ ସୋସିଆଲ ମିଡିଆ ମାଧ୍ୟମରେ ଭୋଟରଙ୍କୁ ଭ୍ରମିତ କରୁଛି । ପୂର୍ବରୁ ବିଜୁ ଜନତା ଦଳ ପ୍ରଶାସନ ଅଧିକାରୀ, ଏସ୍‌ଏଚଜି, ଏମ୍‌ବିକେ, ସିଆରପି ମାଧ୍ୟମରେ ଟଙ୍କା ବଂଟନ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନାଁରେ ମିଥ୍ୟା ଅଡିଓର ଚକ୍ରାନ୍ତ କରି ଭୋଟରଙ୍କୁ ବିଚଳିତ କରିବାର ସମସ୍ତ ଅପଚେଷ୍ଟା କରିଥିଲା । ଶାସକ ଦଳ ନସୁଧୁରି ପୁଣି ଏକ ମିଥ୍ୟା ଅଡିଓ ପ୍ରସ୍ତୁତ କରି ସାଧାରଣ ଭୋଟରଙ୍କୁ ଜୋର ଜବରଦସ୍ତ ପ୍ରଭାବିତ କରି ଭୋଟ ହାତେଇବାର ଅପଚେଷ୍ଟା କରିଛି । ବିଜେଡିର ଫେକ୍ ଅଡିଓରେ କୁହାଯାଇଛି ଯେ, ସ୍ୱାଧୀନପ୍ରାର୍ଥୀ ରାଜୁ ଦାସଙ୍କ ସମର୍ଥକମାନେ ଜଣେ ମୁସଲମାନ ଯୁବକଙ୍କୁ ଛୁରାମାଡ କରିଛନ୍ତି । ତିହିଡି ବ୍ଲକରେ ପୋଲିସ ବର୍ତମାନ ୧୪୪ଧାରା ଜାରି କରିଛି । କିନ୍ତୁ ବାସ୍ତବରେ ଏହି ଅଡିଓ ପଛରେ ବିଜୁ ଜନତା ଦଳର ନେତା, ବିଧାୟକ ଓ ମନ୍ତ୍ରୀମାନଙ୍କ ହାତ ରହିଛି । ଏନେଇ ଭାରତୀୟ ଜନତା ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ଆଭିମୁଖ୍ୟରେ ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ଅଭିଯୋଗ ପତ୍ର ଦେଇଛନ୍ତି ।ଆସନ୍ତାକାଲି ଧାମନଗର ଉପନିର୍ବାଚନ ହେବାକୁ ଯାଉଛି ।

## ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଭୁବନେଶ୍ୱର, (ପି.ଏନ): ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ମହାନ ବିପ୍ଳବୀ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ବିପ୍ଳବୀ ଜୟୀ ରାଜଗୁରୁ ଥିଲେ ଦେଶଭକ୍ତ, ପରମଯୋଗୀ, ବିଚକ୍ଷଣ କୁଟନୀତିଜ୍ଞ, ଅର୍ଥନୀତି ବିଶାରଦ ଓ ଶ୍ରେଷ୍ଠ ସଂଗଠକ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି ।ଆଜିର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଲେ ଯେ ଦେଶ ସ୍ୱାଧୀନତାର ପ୍ରଥମ ସଂଗ୍ରାମୀ ଯୋଦ୍ଧା ବିପ୍ଳବୀ ଜୟୀ ରାଜଗୁରୁ ମାଟିମାଆର ସମ୍ମାନ ରକ୍ଷା ପାଇଁ ନିଜର ଜୀବନ ଉତ୍ସର୍ଗ କରିଥିଲେ । ବହୁବିଧ ବିଦ୍ୟାର ଅଧିକାରୀ କାଳଜୟୀ ପୁରୁଷ ଜୟୀ ରାଜଗୁରୁ ସମାଜର ହିତ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିଯାଇଛନ୍ତି । ପୂର୍ବତନ ମନ୍ତ୍ରୀ ସଂଜୟ କୁମାର ଦାସବର୍ମା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ବିପ୍ଳବୀ ଜୟୀ ରାଜଗୁରୁଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ସାଂଗଠନିକ ଦକ୍ଷତା ଯୋଗୁଁ ଓଡ଼ିଶାର ମାଟିମାଆକୁ ଭଲ ପାଉଥିବା ବହୁ ବୀରସନ୍ତାନଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଉଜ୍ଜୀବିତ ହେବା ସହ ବ୍ରିଟିଶମାନଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ସେମାନଙ୍କୁ ପ୍ରେରଣା ଯୋଗାଇଥିଲା । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷ ଡ. ଲେଲିନ୍ ମହାନ୍ତି ତାଙ୍କ ବକ୍ତବ୍ୟରେ ବିପ୍ଳବୀ ଜୟୀ ରାଜଗୁରୁଙ୍କୁ ପ୍ରଥମ ମୁକ୍ତିସଂଗ୍ରାମର ଯୋଦ୍ଧା ଭାବେ ଅଭିହିତ କରିବା ସହ ଓଡ଼ିଶାର ବୀରସନ୍ତାନମାନଙ୍କର ସେ ପ୍ରେରଣାର ଉତ୍ସ ଥିଲେ ବୋଲି ପ୍ରକାଶ କରିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ବରିଷ୍ଠ ପ୍ରାଧ୍ୟାପିକା ପ୍ରଫେସର ବିନୋଦିନୀ ଦାସ ବିପ୍ଳବୀ ଜୟୀ ରାଜଗୁରୁଙ୍କ ଜୀବନୀ ସଂପର୍କରେ ବହୁ ତଥ୍ୟ ଉପସ୍ଥାପନ କରି ତାଙ୍କୁ ଜଣେ ଉଚ୍ଚକୋଟୀର ସ୍ୱୟଂସଂପୂର୍ଣ୍ଣ ବ୍ୟକ୍ତି ତଥା ନିଷ୍ଠାପର କର୍ମବୀର ଏବଂ ପରାକ୍ରମୀ ଯୋଦ୍ଧା ଭାବେ ବର୍ଣ୍ଣନା କରିଥିଲେ । ଉତ୍ସବରେ ପୌରୋହିତ୍ୟ କରି ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କହିଲେ ଯେ ଜୟୀ ରାଜଗୁରୁଙ୍କ କର୍ମମୟ ଜୀବନ ସର୍ବଦା ସମାଜର ହିତ ପାଇଁ ପ୍ରେରିତ ଥିଲା ଏବଂ ତାଙ୍କ ଅବଦାନର ପ୍ରାସଙ୍ଗିକତା ଯୁବପିଢ଼ିଙ୍କୁ ସବୁବେଳେ ଅନୁପ୍ରାଣିତ କରୁଥିବ । ସଭା ପ୍ରାରମ୍ଭରେ ଅତିଥିମାନେ ମହାନ ବିପ୍ଳବୀ ଜୟୀ ରାଜଗୁରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ରକାଶିତ ଜୟୀ ରାଜଗୁରୁଙ୍କ ଜୀବନୀ ଓ ଅବଦାନ ଉପରେ ଆଧାରିତ ଏକ ଗବେଷଣାତ୍ମକ ସଂକଳନ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ସଂପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସଂଚାଳନ କରିଥିଲେ । ସଭା ପରେ ସ୍ମୃତି ପରିଷଦ ତରଫରୁ ଗୀତଗୋବିନ୍ଦ ଏବଂ ଅନ୍ୟାନ୍ୟ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସକାଳେ ଭୁବନେଶ୍ୱରସ୍ଥିତ ଏ.ଜି. ଛକଠାରେ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ବିଜ୍ଞାନ ଓ କାରିଗରୀ, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ)ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଥିଲେ । ପରେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ପୁରୀ ଆନୁକୁଲ୍ୟରେ ଜୟଦେବ ଭବନଠାରେ 'ଓଡ଼ିଶା ତଥା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ପଦଧ୍ୱନି-ଜୟୀ ରାଜଗୁରୁଙ୍କ ଜୀବନୀ ଓ ଅବଦାନ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

## ପୂର୍ବତଟ ରେଳପଥ ପକ୍ଷର ଭ୍ରଷ୍ଟାଚାର ମୁକ୍ତ ଭାରତ-ବିକଶିତ ଭାରତ ସମ୍ବନ୍ଧରେ କର୍ମଶାଳା

ଭୁବନେଶ୍ୱର, (ପି.ଏନ): ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ବୁଧବାର ଏହାର ମୁଖ୍ୟାଳୟ ରେଳ ସଦନ ଠାରେ "ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତିମୁକ୍ତ ଭାରତ" ସମ୍ବନ୍ଧରେ ଏକ ସେମିନାର ଆୟୋଜିତ ହୋଇଯାଇଛି । ଏଥିରେ ଓଡ଼ିଶାର ପୂର୍ବତନ ମୁଖ୍ୟ ସଚିବ ବିଜୟ କୁମାର ପଟ୍ଟନାୟକ, ଆଇଏଏସ୍ (ଅବସରପ୍ରାପ୍ତ) ଯୋଗଦେଇ କହିଛନ୍ତି ଯେ ଆମର ଦୈନନ୍ଦିନ ଜୀବନରେ ଅଖଣ୍ଡତା ଏବଂ ସଚ୍ଚୋଟତାର ଗୁରୁତ୍ୱାରୋପ କରାଯିବ ଦରକାର । ସେ ଅଖଣ୍ଡତା ସହିତ ଆତ୍ମନିର୍ଭରଶୀଳତାର ସଂଜ୍ଞା, କାର୍ଯ୍ୟକ୍ଷେତ୍ରରେ ଏହାର ପ୍ରଭାବ ଏବଂ ଆମର ଦୈନନ୍ଦିନ ଜୀବନରେ ଏହାକୁ କିପରି ଅନୁସରଣ କରାଯିବ ସେ ବିଷୟରେ ବର୍ଣ୍ଣନା କରିଥିଲେ ।ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ କାର୍ଯ୍ୟ ପରିବେଶରେ ଅଖଣ୍ଡତା ସହ ଆତ୍ମନିର୍ଭରଶୀଳ ହେବା ଏବଂ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ବିଭାଗର ପ୍ରମୁଖ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ମଧ୍ୟ ଏହି ବିଷୟରେ ସେମାନଙ୍କର ବକ୍ତୃତା ରଖି କହିଥିଲେ ଯେ ଜଣେ କିପରି ଇଚ୍ଛାଠାରୁ ଉର୍ଦ୍ଧ୍ୱକୁ ଯାଇ ଆତ୍ମନିର୍ଭରଶୀଳ ହୋଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିବା ଦରକାର ଯାହାଦ୍ୱାରା ଏକ ବିକଶିତ ରାଷ୍ଟ୍ର ପାଇଁ ଏକ ଦୁର୍ନୀତି ମୁକ୍ତ ଭାରତ ଅପରିହାର୍ଯ୍ୟ ହେବ ।ଆଲୋଚନା ସମୟରେ ହିତାଧିକାରୀଙ୍କ ସହ କାରବାର ଏବଂ ଅଭିଯୋଗକୁ ନ୍ୟାୟପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଭାବରେ ସମାଧାନ କରିବାରେ ସ୍ୱଚ୍ଛତା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା । ଏହା ବ୍ୟତୀତ, ଦ୍ରବ୍ୟ ଏବଂ ସେବା କ୍ରୟ କରିବା ସହିତ ଚୁକ୍ତିନାମା କରିବା ସମୟରେ ଅତ୍ୟନ୍ତ ସ୍ୱଚ୍ଛତା ଆଣିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା ।ବିଭିନ୍ନ ଶିଳ୍ପ ସଂସ୍ଥା ପ୍ରତିନିଧି ମାନଙ୍କ ସହିତ ହିତାଧିକାରୀ ଏବଂ ରେଳ ଉପଭୋକ୍ତା ଯଥା ଇସ୍ପାତ କାରଖାନା, ବନ୍ଦର, ଯୋଗାଣକାରୀ, ବ୍ୟାଙ୍କ ଏବଂ କଂଟ୍ରାକ୍ଟରଙ୍କ ପ୍ରତିନିଧୀମାନେ ଏହି ଇଂଟରାକ୍ଟିଭ୍ ଅଧିବେଶନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କର ମୂଲ୍ୟବାନ ମତ ଏବଂ ପରାମର୍ଶ ଉପସ୍ଥାପନ କରିଥିଲେ । ପୂର୍ବତଟ ରେଳପଥ ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ମହାପାତ୍ର ଏହି ଅଧିବେଶନକୁ ସଭାପତିତ୍ୱ କରିଥିଲେ ।

## ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ

ଭୁବନେଶ୍ୱର, (ପି.ଏନ):ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ଗତକାଲି ଅପରାହ୍ନରେ ସୋନପୁର ଠାରେ ପ୍ରସ୍ତାବିତ ପଶ୍ଚିମ ଓଡିଶା ବିକାଶ ପରିଷଦ ହ୍ୟାଣ୍ଡଲୁମ ମଲ୍ ର ଯୋଜନା ଓ ଅଗ୍ରଗତି ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏଥିସହ ଜିଲ୍ଲାର ହ୍ୟାଣ୍ଡଲୁମ ବସ୍ତ୍ର ବୁଣାଳୀଙ୍କ ସହିତ ଆଲୋଚନା କରି ବୁଣାକାରମାନଙ୍କୁ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରସ୍ତୁତ ହସ୍ତତନ୍ତ ବସ୍ତ୍ରର ଚାହିଦା ଦୃଷ୍ଟିରୁ ନୂତନ ଡିଜାଇନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାର ହ୍ୟାଣ୍ଡଲୁମ୍ ବସ୍ତ୍ରର ବଜାରୀକରଣକୁ ଅଧିକ ସୁଦୂରପ୍ରସାରି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଗସ୍ତ ଅବସରରେ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପଶ୍ଚିମ ଓଡିଶା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜିତ କୁମାର ମିଶ୍ର, ଜିଲ୍ଲାପାଳ ଶ୍ରୀମତୀ ଆବୋଲୀ ସୁନିଲ ନରୱଣେ, ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।ଶ୍ରୀ ତ୍ରିପାଠୀ ବିନିକା ମାର୍କେଟ ୟାର୍ଡ୍ ଠାରେ ଡୁଙ୍ଗୁରିପାଲି ବ୍ଲକ୍ ର ଗଜବନ୍ଧ ଏବ ଗଣିଆ ସମେତ ଅନ୍ୟାନ୍ୟ ଗ୍ରାମରେ ଚାଷୀମାନଙ୍କ ସହିତ ମାଛ ଚାଷ ଓ ଅନ୍ୟାନ୍ୟ ଚାଷ ସମ୍ବନ୍ଧରେ ପଚାରି ବୁଝିଥିଲେ । ଚାଷୀମାନଙ୍କ ସହିତ ସେ ସମନ୍ୱିତ ଚାଷ, ଧାନ ବଜାର ଓ ବିକ୍ରି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ

PARYABEKHYAK



Bhubaneswar Friday November 04, 2022 ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୦୪,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ରାଜ୍ୟସ୍ତରୀୟ ଜୁନିଅର ମହିଳା ହକି ପ୍ରତିଯୋଗିତାରେ ପିପିଏଲ ଡି.ଏ.ଭି ସ୍କୁଲର ମହିଳା ହକିଦଳକୁ ସଫଳତା




ପାରାଦୀପ,(ପି.ଏନ): ଭୁବନେଶ୍ୱର କିଟ ହକି ଷ୍ଟାଡିୟମରେ ଗତ ୨ ତାରିଖରୁ ହକି ଆସୋସିଏସନ, ଓଡିଶା ଦ୍ୱାରା ଆରମ୍ଭ ହୋଇଥିବା ରାଜ୍ୟ ସ୍ତରୀୟ ଜୁନିଅର ମହିଳା ହକି ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା ତାର ପ୍ରଥମ ମ୍ୟାଚରେ ପୁରୀ ଜିଲ୍ଲାକୁ ୭-୦ ବ୍ୟବଧାନରେ ହରାଇଛି । ଜଗତସିଂହପୁରର ଏହି ହକି ଦଳର ସମସ୍ତ ଖେଳାଳୀ ପିପିଏଲ ଡି.ଏ.ଭି ସ୍କୁଲର ଛାତ୍ରୀ ଅଟନ୍ତି । ପାରାଦୀପ ପିପିଏଲ ଦ୍ୱାରା ପରିଚାଳିତ ଏହି ସ୍କୁଲର ହକି ଖେଳାଳୀ ମାନଙ୍କୁ ପିପିଏଲ ତରଫରୁ ଖେଳର ଉପକରଣ, ପ୍ରଶିକ୍ଷଣ ଓ ଅନ୍ୟାନ୍ୟ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯାଇଛି । ଛାତ୍ରୀ ମାନଙ୍କର ଏହି ବିଜୟ ପରେ ପିପିଏଲର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରଣବ ଭଟ୍ଟାଚାର୍ଯ୍ୟ ଓ ମୁଖ୍ୟମନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଂଟିଆ ଖୁସି ବ୍ୟକ୍ତ କରିବା ସହିତ ଖେଳାଳୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଡି.ଏ.ଭି ପିପିଏଲ ସ୍କୁଲର ଅଧକ୍ଷ ସୀବ କୁମାର ସାହୁ ଓ ଇଫକୋ ଡି.ଏ.ଭି ଅଧକ୍ଷ ତଥା କ୍ଲସଟର ମୁଖ୍ୟ ବଳରାମ ମହାପାତ୍ର ଏବଂ ଜଗତସିଂହପୁର ଜିଲ୍ଲାର କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ନାୟକ ଏହି ହକି ଖେଳାଳୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଜୁନିଅର ହକି ଦଳରେ ପଶୁ ପୁଲେଟି ସାରୁନ ଗ୍ରେସ ଅଧିନାୟକ ଥିବା ବେଳେ ଉପ ଅଧିନାୟକ ଭାବେ ଚିନ୍ମଇ ପ୍ରଧାନ ଅଛନ୍ତି । ଶାଶ୍ୱତ କୁମାର ଭାରତୀୟ ଏହି ଦଳର ପ୍ରଶିକ୍ଷକ ଥିବା ବେଳେ କୁମାରୀ ଦିପ୍ତୀରେଖା ଦାସ ମ୍ୟାନେଜର ଅଛନ୍ତି । ପୁରୀ ଦଳକୁ କୀର୍ତିମୟୀ କଣ୍ଡାକେଲ ଓ ସବନମ ପରବିନ୍ ତିନୋଟି ଲେଖାଏଁ ଗୋଲ ଏବଂ ଚିନ୍ମଇ ପ୍ରଧାନ ଗୋଟିଏ ଗୋଲ କରିବାରେ ସଫଳ ହୋଇଥିଲେ।

## କେନ୍ଦ୍ରାପଡା ଆମ୍ବାର ଅଧକ୍ଷ ହେଲେ ଅଶୋକ ବରାଳ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା କୃଷି ଓ ବୈଷୟିକ ସଂସ୍ଥା(ଆମ୍ବା)ର ଅଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋରୋ ଗ୍ରାମର କୃଷକ ନେତା ଅଶୋକ କୁମାର ବରାଳ। ଏହି ଉପଲକ୍ଷେ କେନ୍ଦ୍ରାପଡା କୃଷି ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରଥମ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟମାନେ ଶ୍ରୀ ବରାଳଙ୍କୁ ସର୍ବସମ୍ମତି କ୍ରମେ ଆମ୍ବାର ଅଧକ୍ଷ ଭାବରେ ଚୟନ କରିଛନ୍ତି। ଏଥିପାଇଁ ଶ୍ରୀ ବରାଳ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ବେହେରା ନବ ନିର୍ବାଚିତ ଆମ୍ବାର ଅଧକ୍ଷ ଶ୍ରୀ ବରାଳଙ୍କୁ ପୁଷ୍ପଗୁଛ ଦେଇ ସ୍ୱାଗତ କରିଛନ୍ତି। ସମସ୍ତଙ୍କ ସହଯୋଗରେ କୃଷି ଓ କୃଷକର ଉନ୍ନତି ପାଇଁ ସେ କାର୍ଯ୍ୟ କରିବେ ବୋଲି ଶ୍ରୀ ବରାଳ କହିଛନ୍ତି। ଶ୍ରୀ ବରାଳ କୋରୋ ପଞ୍ଚାୟତର ବିଜେଡି ସଭାପତି ଭାବେ କାର୍ଯ୍ୟ କରି ଆସିଛନ୍ତି। ଆମ୍ବାର ନୂତନ ଅଧକ୍ଷ ଶ୍ରୀ ବରାଳଙ୍କୁ ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ପୂର୍ବତନ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଜିଲ୍ଲା ବିଜେଡି ସମ୍ପାଦକ ରଞ୍ଜନ କୁମାର କର, ଡିଜିଟାଲ ମହିଳା ସମ୍ପାଦିକା ସ୍ମୃତିମୟୀ ସେନାପତି, ମୋସିମ ଖାଁ, ଜ୍ଞାନରଞ୍ଜନ ଜେନା, ସୁରେଶ ଚନ୍ଦ୍ର ମହାନ୍ତି, ସଂଗମ କେଶରୀ ସାମଲ, ନରୋ□ମ ମଲିକ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ଲିଲିତା ଦାସ, ମଧୁଛନ୍ଦା ମହାନ୍ତି ଓ ନିର୍ମଳା ମହାନ୍ତି ପ୍ରମୁଖ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

## ଛାତିରେ ପଶିଯାଇଥିଲା ବାଉଁଶ: ନୂଆ ଜୀବନ ଦେଲେ କିମ୍ସ ଡାକ୍ତର



ଭୁବନେଶ୍ୱର,(ପି.ଏନ): ଦୁର୍ଘଟଣାର ସମ୍ମୁଖୀନ ହୋଇ ଛାତିରେ ବାଉଁଶ ପଶି ଯାଇଥିଲା। ଜୀବନ ସହ ସଂଘର୍ଷ କରୁଥିବା ସମୟରେ କିମ୍ସ ଡାକ୍ତର ଦେଲେ ନୂଆ ଜୀବନ। ପୁରୀ ଜିଲ୍ଲା ଚନ୍ଦନପୁର ବ୍ଲକ୍ ତଳଜଙ୍ଗ ଅଞ୍ଚଳର ୪୦ ବର୍ଷୀୟ ତପନ ପରିଡ଼ା ନିଜ ଜମି ନିକଟସ୍ଥ ସାଇଫନ୍‌ରେ ପାଣି ଦେଖୁଥିବା ବେଳେ ବାଡ଼ ଭାଙ୍ଗିଯିବାରୁ ୧୫ଫୁଟ ତଳକୁ ଖସି ପଡ଼ିଥିଲେ। ଫଳରେ ପାଣିରେ ପୋତା ଯାଇଥିବା ବାଉଁଶ ତାଙ୍କ ଛାତିରେ ପଶି ପିଠିରେ ବାହାରି ଯାଇଥିଲା। ଗତ ୨୮ ତାରିଖ ରାତି ପ୍ରାୟ ୯.୩୦ ସମୟରେ ଏହି ଘଟଣା ଘଟିଥିଲା। ଯନ୍ତ୍ରଣାରେ ଛଟପଟ ହେଉଥିବା ସମୟରେ ସମ୍ପର୍କୀୟମାନେ ତୁରନ୍ତ ତାଙ୍କୁ ଭୁବନେଶ୍ୱର କିମ୍ସ ହସ୍‌ପିଟାଲ୍‌କୁ ନେଇ ଆସିଥିଲେ। ବିଳମ୍ବିତ ରାତିରେ କିମ୍ସ ହସ୍‌ପିଟାଲ୍‌ରେ ପହଞ୍ଚିବା ପରେ ସର୍ଜରୀ ବିଭାଗର ମୁଖ୍ୟ ଡାକ୍ତର ପି ଏସ୍ ପୂଜାରୀଙ୍କ ନେତୃତ୍ୱରେ ୬ ଜଣିଆ ଡାକ୍ତରୀ ଦଳ ତୁରନ୍ତ ତାଙ୍କର ଅସ୍ତ୍ରୋପଚାର କରିଥିଲେ। ଦୀର୍ଘ ୪ ଘଣ୍ଟା ଧରି ଏହି ଅସ୍ତ୍ରୋପଚାର ପରେ ଡାକ୍ତରୀ ଦଳ ତପନଙ୍କ ଶରୀରରୁ ବାଉଁଶ ବାହାର କରିବାରେ ସଫଳ ହୋଇଥିଲେ। ଫଳରେ ତପନଙ୍କ ଜୀବନ ରକ୍ଷା ପାଇବା ସହ ତାଙ୍କ ଶରୀର ଏବଂ ହାତ କର୍ଯ୍ୟକ୍ଷମ ହୋଇପାରିଛି। ଏହି ଅସ୍ତ୍ରୋପଚାର ଡାକ୍ତରୀ ଦଳ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଉନ୍ନତ ମାନର ଅତ୍ୟାଧୁନିକ ଜ୍ଞାନ କୌଶଳ ବ୍ୟବହାର, ଡା ପୂଜାରୀ ଓ ଡାକ୍ତରୀ ଦଳ ଏବଂ ନିଶ୍ଚେତକ ବିଭାଗର ଡା ସଞ୍ଜୟ କୁମାର ବେହେରା ଏହି ଅସ୍ତ୍ରୋପଚାରରେ ସାମିଲ ହୋଇ ଅସ୍ତ୍ରୋପଚାରକୁ ସଫଳ କରିଥିଲେ। ତପନ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ଚଲାବୁଲା କରିପାରୁଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ଏବେ ୨୧ ଦିନ ପର୍ଯ୍ୟନ୍ତ ବିଶ୍ରାମ ନେବେ। ନୂତନ ଜୀବନ ପାଇଥିବାରୁ ତପନ ଓ ତାଙ୍କ ପରିବାର କିମ୍ସ ଡାକ୍ତର ଏବଂ କିମ୍ସ ହସ୍ପିଟାଲକୁ ଧନ୍ୟବାଦ ଦେଇଛନ୍ତି। ଏଭଳି ସଫଳ ଅସ୍ତ୍ରୋପଚାର ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡା ପୂଜାରୀ ଓ ଅସ୍ତ୍ରୋପଚାରରେ ସାମିଲ ଥିବା ଡାକ୍ତରୀ ଦଳ ତଥା ସ୍ୱାସ୍ଥ୍ୟକର୍ମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଫୁଲନଖରାରେ ଭାରତ ଯୋଡ଼ ଅଭିଯାନ

ଫୁଲନଖରା,(ପି.ଏନ): କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା ଭାରତ ଯୋଡ଼ ଅଭିଯାନ ଓଡ଼ିଶାରେ ଚାଲିଛି। ଏହି କ୍ରମରେ ଆଜି ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିର ନିକଟରୁ ଅଭିଯାନ ଆରମ୍ଭ ହୋଇ କଟକ ଅଭିମୁଖେ ଯାଇଥିଲା। କଟକ ଜିଲା ସଭାପତି ମାନସରଂଜନ ଚୌଧୁରୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ ରାଜ୍ୟ ସଭାପତି ଶରତ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ବିଭୂତି ମିଶ୍ର, ଆକିବ ଖାଁ, ରବି ମଲିକ, ଶୋଭା ସିଂ, ଡ଼ଃ.ବିପ୍ଳବ ଶିଳାଦିତ୍ୟ, ବିଜୟଲକ୍ଷ୍ମୀ ସାହୁ, ମନୋଜ ବିଶ୍ୱାଳ, ଆଲୋକ ଲେଙ୍କା, ରାମଚନ୍ଦ୍ର ଗୋଛାୟତ, ପ୍ରଶାନ୍ତ ମହାନ୍ତି, ସମରେନ୍ଦ୍ର ହାତୀ, ଅନିଲ ବେଉରା, ରମେଶଚନ୍ଦ୍ର ଜେନା, ରଶ୍ମିତା ପ୍ରଧାନ, ରାଜେଶ ସ୍ୱାଇଁ, ଅନ୍ନପୂର୍ଣ୍ଣା ସାହୁ, ସତ୍ୟ ମହାନ୍ତି, ଉମେଶ ବାରିକ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଏମସି ୪ନମ୍ବର ଓ୍ୱାର୍ଡ଼ କଂଗ୍ରେସ କମିଟି ତରଫରୁ ଶରତ ପଟ୍ଟନାୟକ, ମାନସ ଚୌଧୁରୀ, କିଶୋର ଜେନା ଓ ସନ୍ତୋଷସିଂ ସାଲୁଜାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କମିଟି ତରଫରୁ ବଂଶୀଧର ଭୋଳ, ଗଣେଶପ୍ରସାଦ ଦାଶ, ପ୍ରଭାସ ଭୋଇ, କାମାକ୍ଷା ସ୍ୱାଇଁ, ଆକାଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଅନନ୍ତବଳିଆ ସେବାଶ୍ରମରେ ରାଧାପାଦ ଦର୍ଶନ




ଫୁଲନଖରା,(ପି.ଏନ): ପବିତ୍ର ଅଁଳା ନବମୀ ତିଥିରେ ସଦର ଥାନା ଅନ୍ତର୍ଗତ ନୂଆଗଡ଼ ଗ୍ରାମସ୍ଥିତ ବାବା ଅନନ୍ତବଳିଆ ସେବାଶ୍ରମରେ ରାଧା (ସୁଭଦ୍ରା)ଙ୍କ ପାଦ ଦର୍ଶନ ଓ ଶ୍ରୀ ନୀଳମାଧବ ଜୀଉଙ୍କ ୧୩ ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି । ଏହି ତିଥିରେ ଆଶ୍ରମରେ ଥିବା ମା ସୁଭଦ୍ରା ରାଧାଙ୍କ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ବେଦବିତ୍ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପୂଜ୍ୟ ପୂଜକ ବାବା ବଳିଆ ଯୋଗ ଦେଇ ଜଗନ୍ନାଥ କଥାତତ୍ତ୍ୱ ଆଲୋଚନା କରିଥିଲେ । ଏହି ଉତ୍ସବରେ ପତିହରା ମାଆ ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରିବେଶବିତ୍ ଡ଼ଃ ଆଶୁତୋଷ ଦେବତା, ଶିକ୍ଷାବିତ ଶରତ କୁମାର ରଥ, ଶ୍ରୀସନ୍ନ୍ୟାସୀ, ମଦନ ମୋହନ ଜେନା,ସମାଜସେବୀ ଗଣେଶ ପ୍ରସାଦ ଦାଶ ଯୋଗ ଦେଇ ଆଧ୍ୟାତ୍ମିକ ଜ୍ଞାନ ବାଣ୍ଟି ଥିଲେ । ମନୋଜ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୀତବାସ ମହାପାତ୍ର,ଶିଶିର ରାଉତରାୟ, ଶ୍ରୀକାନ୍ତ ରାଉତରାୟ,ଜଗନ୍ନାଥ ନାୟକ,ପ୍ରଶାନ୍ତ କୁମାର ମହାପାତ୍ର, ପ୍ରସନ୍ନ କୁମାର ଜେନା,ପ୍ରବୀର ସାହୁ, ଯତୀନ୍ଦ୍ରନାଥ ଶତପର୍ଥୀ, ତେଲୋକ୍ୟ ପ୍ରଧାନ,ଚର୍ତ୍ତୁଭୁଜ ମହାପାତ୍ର, ଦୁର୍ଗାଚରଣ ନାୟକ, ପ୍ରଶାନ୍ତ ମହାପାତ୍ର ସହଯୋଗ କରିଥିଲେ ।

## କେନ୍ଦ୍ରାପଡା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୨ ଭରତପୁର ଗ୍ରାମପଂଚାୟତର ମେହେନ୍ଦିପୁରସ୍ଥିତ ଲାଲ ବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ ପାବନି କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡା ପଂଚାୟତ ସମିତି ଅଧକ୍ଷା ରଶ୍ମୀତା ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଦକ୍ଷତାକୁ ପ୍ରତିପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ଗୁଡିକର ବିକାଶ ପାଇଁ ଅଧକ୍ଷା ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ । ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷିକେଶ ରଥ ଯୋଗଦେଇ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ନାମରେ ନାମିତ ଏହି ବିଦ୍ୟାଳୟରେ ଶିଶୁ ମହୋତ୍ସବର ଆୟୋଜନ କରାଯାଇଥିବାରୁ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ । ଏହି ଅବସରରେ ଶ୍ରୀ ରଥ ଗୁରୁ ଶିଷ୍ୟର ପରମ୍ପରାକୁ ନେଇ ଋଷି ସନ୍ଦିପନୀ ଓ ଶ୍ରୀକୃଷ୍ଣଙ୍କ ଉପାଖ୍ୟାନକୁ ଅବତାରଣା କରିଥିଲେ ।

## କାକଟପୁର ଅସ୍ତରଙ୍ଗଙ୍କୁ ମୋ ବସ ଚ଼ଳାଚ଼ଳ ଦାବି

କାକଟପୁର,(ପି.ଏନ): (ପିପିଏସ)ପୁରୀଜିଲ୍ଲା କାକଟପୁର ମଙ୍ଗଳା କ୍ଷେତ୍ର ଓ ଅସ୍ତରଙ୍ଗର ପର୍ଯ୍ୟଟନ କ୍ଷେତ୍ର ଜାହାନିଆ ପୀରଙ୍କ ପୀଠକୁ ରାଜ୍ୟ ସରକାରଙ୍କପକ୍ଷରୁ ମୋ ବସ ସେବା ଯୋଗାଇଦେବାକୁ ଦାବି ହୋଇଛି ରାଜ୍ୟସରକାରଙ୍କପକ୍ଷରୁ ବିଶ୍ୱ ପ୍ରସିଦ୍ଧ କୋଣାର୍କ ପର୍ଯ୍ୟଟନସ୍ଥଳୀକୁ ମୋ ବସ ଯୋଗାଇ ଦିଆଯାଇ ଥିବାବେଳେ ଆଜି ପର୍ଯ୍ୟନ୍ତ କାକଟପୁର ମା ମଙ୍ଗଳାଙ୍କ ପୀଠ ଏବ ଅସ୍ତରଙ୍ଗ ନିକଟସ୍ଥ ହିନ୍ଦୁ ମୁସଲମାନଙ୍କ ସମନ୍ୱୟର ପୀର ଜାହାନିଆ ପୀଠକୁ ମୋ ବସ ସେବା ଯୋଗାଇ ଦିଆଯାଇନାହିଁ । ଫଳରେ ସାଧାରଣ ପର୍ଯ୍ୟଟକ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। କାକଟପୁର ଅଞ୍ଚଳ ବରିଷ୍ଠ ନାଗରିକ,ଛାତ୍ରଛାତ୍ରୀ,ଗରିବ ସାଧାରଣ ଜନତା ଅଧିକ ଭଡା ଦେଇ ଘରୋଇ ବସରେ ଯାତ୍ରା ସମୟରେ ଆର୍ଥିକ ଓ ମାନସିକ ସ୍ତରରେ ଶୋଷଣର ଶିକାର ହେଉଛନ୍ତି । ରାଜ୍ୟର ଅନ୍ୟତମ ଶକ୍ତିପୀଠ ମଙ୍ଗଳା କ୍ଷେତ୍ରକୁ ରାଜ୍ୟର କୋଣ ଅନୁକୋଣରୁ ଅନେକ ମାତୃଭକ୍ତ ମାନେ ଦର୍ଶନ ନିମନ୍ତେ ଆସିଥାନ୍ତି ।




ଏବଂ ପରେ ମା ଙ୍କୁ ଦର୍ଶନ କରି ଅସ୍ତରଙ୍ଗର ପୀର ଜାହାନିଆର ସ୍ୱର୍ଣ୍ଣାଭ ବେଳାଭୂମି ବୁଲିବାକୁ ଯାଇ ବଣଭୋଜି କରି ଫେରନ୍ତି । ଏଠାକୁ ମୋ ବସ ଚ଼ଳାଚ଼ଳ କଲେ ଏହା ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇବା ସହିତ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ଘଟିପାରିବ ବୋଲି କୁହନ୍ତି ମା ମଙ୍ଗଳା ସେବକ ସମିତି ଉପସଭାପତି ତଥା କାକଟପୁର ପ୍ରେସ କ୍ଲବ ସଭାପତି କମଳ ଲୋଚ଼ନ ଦୀକ୍ଷିତ କ୍ଷ କାକଟପୁର ନିର୍ବାଚ଼ନ ମଣ୍ଡଳୀର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ପ୍ରଚେଷ୍ଟାରେ ଗତ ୨୦୧୭ ମସିହାରେ ଏକ ଓ ଏସ ଆର ଟି ବସ ସାତପଡ଼ା ଠାରୁ ଅସ୍ତରଙ୍ଗର ପୀର ଜାହାନିଆ ପୀଠକୁ ଚ଼ାଲିଥିଲା । କିନ୍ତୁ ମାତ୍ର କିଛି ଦିନ ଚ଼ାଲିବାପରେ ଉକ୍ତ ବସଟି କେଉଁଆଡେ ଉଭାନ ହେଇଯାଇଥିଲା । ରାଜ୍ୟ ସରକାରଙ୍କ ଉଦାନିସତା ହେଉ କିମ୍ବା ସ୍ଥାନୀୟ ପ୍ରଶାସନ ର ମନୋଭାବର ଅଭାବ ହେଉ କେଉଁଠି ନା କେଉଁଠି ସମନ୍ୱୟର ଅଭାବ ସ୍ପଷ୍ଟ ବାରି ହୋଇପଡୁଛି । ଯାହାଫଳରେ ସାଧାରଣ ଜନତାଙ୍କୁ ନେତା ଓ ପ୍ରଶାସନ ଦିବାସ୍ୱପ୍ନ ଦେଖାଉଛନ୍ତି । ଏଥି ପ୍ରତି ରାଜ୍ୟ ସରକାର ଦୃଷ୍ଟିଦେବାକୁ କାକଟପୁର ଅଂଚ଼ଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray